ଷୋଡ଼ଶ ବର୍ଷରେ ପଦାର୍ପଣ

ଶିକ୍ଷା, ସଂସ୍କୃତି ଓ ପ୍ରଗତିଭିତ୍ତିକ ସମ୍ବାଦପତ୍ର

Tejaswini

ତେଜସ୍ୱିନୀ

Page - 08 Rs. 7.00

ବର୍ଷ-୧୬, ସଂଖ୍ୟା-୩୭, ଭୁବନେଶ୍ୱର: ସେପ୍ଟେମ୍ବର ୨୨-୨୮, ୨୦୨୫ Vol-16, Issue-37, Bhubaneswar : September 22-28, 2025

RNI NO.ODIODI/2010/33715

# ୧୭ ବିଶ୍ୱବିଦ୍ୟାଳୟରେ ୧୪୦୪ ପଦବୀ ଖାଲି, ସର୍ବାଗ୍ରେ ରେଭେନ୍ସା

ଭୁବନେଶ୍ୱର:ରାଜ୍ୟର ୧୭ ବିଶ୍ୱବିଦ୍ୟାଳୟରେ ୧୪୦୪ ଅଧ୍ୟାପକ ପଦ ଖାଲି ପଡ଼ିଛି। ଏହି ତାଲିକାରେ ସର୍ବାଗ୍ରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ରହିଛି। ବିଧାନସଭାରେ ଏହି ସୂଚନା ଦେଇଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ। ମନ୍ତ୍ରୀ ଲିଖିତ ଉତ୍ତର ଦେଇ କହିଛନ୍ତି ଯେ ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା ପଦବୀ ଭିତରୁ ୨୬୦ ପ୍ରାଧ୍ୟାପକ, ୪୫୩ ଆସୋସିଏଟ୍ ପ୍ରାଧ୍ୟାପକ, ୬୬୯ ସହକାରୀ ପ୍ରାଧ୍ୟାପକ ପଦ ଖାଲି ପଡ଼ିଛି। ରେଭେନ୍ସାରେ ସର୍ବାଧିକ ପଦବୀ ଖାଲି ପଡ଼ିଥିବା ବେଳେ ତା' ପଛକୁ ରହିଛି ଉତ୍କଳ ବିଶ୍ୱବିଦ୍ୟାଳୟ। ସେହିପରି ୧୭ ବିଶ୍ୱବିଦ୍ୟାଳୟରେ ୨୨୮୬ ଅଣଶିକ୍ଷକ ପଦ ଖାଲି ପଡ଼ିଛି। ଏଥିରୁ ଉତ୍କଳରେ ୭୭୯, କୃଷି ବିଶ୍ୱବିଦ୍ୟାଳୟରେ ୧୫, ରେଭେନ୍ସାରେ ୧୯୯, ବ୍ରହ୍ମପୁରରେ ୨୫୮, ସମ୍ବଲପୁରରେ ୧୬୩, ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ୫୧ ଏବଂ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଅଣଶିକ୍ଷକ ପଦ ଖାଲି ପଡ଼ିଛି।

# ସ୍କୁଲରେ ପାଠ ହେବ ଭଗବତ ଗୀତା

ଭୁବନେଶ୍ୱର: ଏଣିକି ସ୍କୁଲରେ ଛାତ୍ରଛାତ୍ରୀ ଭଗବତ ଗୀତା ପାଠ କରିବେ। ପିଲାମାନଙ୍କର ବୈଦ୍ଧିକ ଜ୍ଞାନ ବିକାଶ ପାଇଁ ଏହି ପଦକ୍ଷେପ ରାଜ୍ୟ ସରକାର ଯୋଜନା କରୁଛନ୍ତି ବୋଲି କହିଛନ୍ତି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଗୃହରେ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ପ୍ରଶ୍ନର ଲିଖିତ ଉତ୍ତର ରଖିଥିଲେ ମନ୍ତ୍ରୀ। ସେ କହିଥିଲେ ଯେ, ବିଦ୍ୟାଳୟଗୁଡିକରେ ଗୀତା ଶ୍ଳୋକ ଆବୃତି କରାଯିବ। ଛାତ୍ରଛାତ୍ରୀମାନେ ତାହା ଅଭ୍ୟାସ କରିବେ। ଏଥିପାଇଁ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭ କରି ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଲଗୁ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ତେଜସ୍ୱିନୀ

ବିଶେଷ ଦୃଷ୍ଟି ଆକର୍ଷଣ

- ଶୋଜା
- ବିରଳ କଙ୍କଡ଼ା
- ସୁପର୍ ଆର୍ଥ
- ଧନୀ ପେଟ୍

## ୨୭ରେ ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ

# 'ସେବା ପର୍ବ' କାର୍ଯ୍ୟକ୍ରମକୁ ସ୍ମରଣୀୟ କରାଯିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,: ସେପ୍ଟେମ୍ବର ୨୭ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଗସ୍ତରେ ଆସୁଛନ୍ତି। ପ୍ରଧାନମନ୍ତ୍ରୀ ଓଡ଼ିଶା ଆସି ବ୍ରହ୍ମପୁରର ରଙ୍ଗେଇଲୁଣ୍ଡାଠାରେ ହେବାକୁ ଥିବା 'ସେବା ପର୍ବ' କାର୍ଯ୍ୟକ୍ରମରେ ଯୋଗଦେବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଲୋକସେବା ଭବନ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୂଚନା ମୁତାବକ ପ୍ରଧାନମନ୍ତ୍ରୀ ଉକ୍ତ ଦିନ ପୂର୍ବାହ୍ଣ ୧୧ଟାରେ ବ୍ରହ୍ମପୁର ଠାରେ ଜାତୀୟସ୍ତରୀୟ 'ସେବା ପର୍ବ' କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ଜନହିତକର ପ୍ରକଳ୍ପ ଉଦ୍‌ଘାଟନ କରିବା ସହ ଅନେକ ନୂତନ କାର୍ଯ୍ୟକ୍ରମ ଦେଶବାସୀଙ୍କ ପାଇଁ ଉତ୍ସର୍ଗ କରିବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଓ କାର୍ଯ୍ୟକ୍ରମର ସଫଳ ଆୟୋଜନ ସମେତ ଏହାକୁ ସୂଚାରୁଭାବେ ସମ୍ପାଦନ କରିବା, ଏଥିନିମନ୍ତେ ସୁରକ୍ଷା ବ୍ୟବସ୍ଥା, ଜନସାଧାରଣଙ୍କ ସହଭାଗିତା ପାଇଁ ବୈଠକରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଭାଗର ସଚିବ ଓ ଅଧିକାରୀମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ



ଯାତ୍ରାପଥ, ଆଗମନ-ବିଦାୟ ବ୍ୟବସ୍ଥା, ସୁରକ୍ଷା ବଳଙ୍କ ନିୟୋଜନ, ସଭାସ୍ଥଳର ପ୍ରସ୍ତୁତି, ସ୍ୱାସ୍ଥ୍ୟ, ପୁଲିସ, ପାଣି-ବିଦ୍ୟୁତ ଓ ସ୍ଥାନୀୟ ପ୍ରଶାସନ ସମେତ ସମସ୍ତ ବିଭାଗକୁ ସମନ୍ୱୟ ରଖି କାର୍ଯ୍ୟ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରି ସ୍ମରଣୀୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ସୂଚନାଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ, ଏହି ସେବା ପର୍ବ କାର୍ଯ୍ୟକ୍ରମରେ ଦେଶର ୮ ଆଇଆଇଟି ଗୁଡ଼ିକର ଦକ୍ଷତା ବୃଦ୍ଧି, କୋରାପୁଟ-ବାଇଗୁଡ଼ା ଏବଂ ମାନାବାର-କୋରାପୁଟ-ଗୋରାପୁର ରେଳ ଲାଇନ୍ ଡବ୍‌ଲିଙ୍ଗ, ସମ୍ବଲପୁର-ସରଲା ଫ୍ଲାଇଓଭର୍ ଉଦ୍‌ଘାଟନ, ବିଏସ୍‌ଏନ୍‌ଏଲ୍ ଦ୍ୱାରା ଦେଶବ୍ୟାପୀ ସ୍ୱଦେଶୀ ୪ଏ ନେଟ୍‌ୱାର୍କ ସେବାର ଲୋକାର୍ପଣ, ଏମ୍‌କେସିଜି, ଭିମ୍‌ସାର ମେଡିକାଲ କଲେଜକୁ ବିଶ୍ୱସ୍ତରୀୟ ସୁପର୍ ସ୍ପେଶାଲିଟି ମାନ୍ୟତା ଘୋଷଣା, ଦେଶବ୍ୟାପୀ ଦକ୍ଷତା ବିକାଶ ପ୍ରକଳ୍ପର ଉଦ୍‌ଘାଟନ, ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫୦ ହଜାର ହିତାଧିକାରୀଙ୍କୁ ସହାୟତା ପ୍ରଦାନ ଏବଂ ଅନ୍ୟ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିବେ।

ବୈଠକରେ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି କମିଟି ବୈଠକ

# ୨୫ ପ୍ରକଳ୍ପକୁ ଅନୁମୋଦନ, ନିଯୁକ୍ତି ପାଇବେ ୨୫ ହଜାର

ଭୁବନେଶ୍ୱର: ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଡବ୍ଲୁସିଏ)ର ୧୪୦ତମ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ୪,୭୩୯ କୋଟି ଟଙ୍କାର ମୋଟ ୨୫ଟି ନୂଆ ନିବେଶ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ଖୋର୍ଦ୍ଧା, ଯାଜପୁର, କଟକ, ସମ୍ବଲପୁର, ଝାରସୁଗୁଡ଼ା, ଗଞ୍ଜାମ, ମୟୂରଭଞ୍ଜ, ଅନୁଗୁଳ ଓ ଗଜପତି ଜିଲ୍ଲାରେ ୨୫,୨୦୦ଟି ନୂତନ ନିଯୁକ୍ତି ସୃଷ୍ଟି ହେବ। ନୂଆ ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ବୟନ ଶିଳ୍ପ, ଇସ୍ପାତ, ରସାୟନ, ସୂଚନା ପ୍ରଯୁକ୍ତି, ଭିତ୍ତିଭୂମି, ଲଜିଷ୍ଟିକ୍ସ, ନବୀକରଣ ଯୋଗ୍ୟ ଉର୍ଜା, ପର୍ଯ୍ୟଟନ, ଧାତୁ ଉପରେ ନିର୍ଭରଶୀଳ ଶିଳ୍ପ, ସର୍କୁଲାର୍ ଇକୋନୋମି, ଶୀତଳ ଭଣ୍ଡାର ଓ ଉତ୍ପାଦନ ସାମଗ୍ରୀ ଆଦି ମୋଟ ୧୩ଟି ମୁଖ୍ୟ କ୍ଷେତ୍ର ଅନ୍ତର୍ଭୁକ୍ତ ରହିଛି। ପ୍ରମୁଖ ପ୍ରକଳ୍ପ ମଧ୍ୟରେ ସୂଚନା ପ୍ରଯୁକ୍ତି ତଥା ଆଇଟି ସକ୍ଷମ ସେବା କ୍ଷେତ୍ରରେ ଲିନ୍‌ଡେ ଇଣ୍ଡିଆ ଲିମିଟେଡ୍ ଖୋର୍ଦ୍ଧାରେ ପରିବହନ ଏବଂ ଦୂରରୁ ପରିଚାଳନା(ରିମୋଟ୍ ଅପରେସନ୍) ପାଇଁ ଏକ ବୈଶ୍ୱିକ କୌଶଳ କେନ୍ଦ୍ର ସ୍ଥାପନ କରିବ। ଏଥିପାଇଁ ୮୨ କୋଟି ଟଙ୍କା ନିବେଶ ହେବା ସହିତ ୨୧୦ ନିଯୁକ୍ତି ସୃଷ୍ଟି ହେବ। ଏହି କମ୍ପାନୀ ମଧ୍ୟ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଯାଜପୁରରେ ଟାଟା ଇସ୍ପାତ ଓ ଅନ୍ୟାନ୍ୟ ଶିଳ୍ପସଂସ୍ଥା ପାଇଁ ପାଇପ୍‌ଲାଇନ୍ କ୍ଲଷ୍ଟର୍ ପ୍ରକଳ୍ପ ସ୍ଥାପନ କରିବ। ଏଥିପାଇଁ ୧୦୫.୭୦ କୋଟି ଟଙ୍କା ନିବେଶ କରିବ ଏବଂ ଏଥିରୁ ୩୫ଟି ନିଯୁକ୍ତି ସୃଷ୍ଟିହେବ। ବସ୍ତ୍ର, ପୋଷାକ ଓ ପ୍ରାଯୁକ୍ତିକ ବସ୍ତ୍ର କ୍ଷେତ୍ରରେ କଲର୍‌ଟୋନ୍ ଟେକ୍ସଟାଇଲ୍ସ ପ୍ରା.ଲି. ଖୋର୍ଦ୍ଧାରେ ୭୦୦.୨୯ କୋଟି ଟଙ୍କା ନିବେଶ କରି ସମନ୍ୱିତ ବସ୍ତ୍ର କେନ୍ଦ୍ର ସୁବିଧା ସ୍ଥାପନ କରିବ, ଯାହା ଦ୍ୱାରା ୧,୦୧୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଟେକ୍ନୋ ଆକ୍ଟିଭ୍‌ୱେୟାର୍ ପ୍ରା.ଲି. କଟକରେ କ୍ରୀଡ଼ା ପୋଷାକ ଫେବ୍ରିକ୍ ଓ ପୋଷାକ ୟୁନିଟ୍ ପାଇଁ ୧୦୦ କୋଟି ଟଙ୍କା ନିବେଶ କରିବ ଏବଂ ଏହା ଦ୍ୱାରା ୨,୫୦୦ ନିଯୁକ୍ତି ସୃଷ୍ଟି ହେବ। ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ୍ ଲି. କେନ୍ଦୁଝର ଓ ସମ୍ବଲପୁରରେ ପୋଷାକ ୟୁନିଟ୍ ପାଇଁ ପ୍ରତ୍ୟେକରେ ୧୦୦ କୋଟି ଟଙ୍କା ନିବେଶ କରିବା ସହ ପ୍ରତ୍ୟେକରେ ୧,୨୦୦ କରି ମୋଟ ୨,୪୦୦ ନିଯୁକ୍ତି ସୃଷ୍ଟି କରିବ। ଏସ୍‌ସିଏମ୍ ଗାର୍ମେଣ୍ଟ୍ସ ପ୍ରା.ଲି. କଟକରେ ଏକ ବୃହତ ବୁଣା ପୋଷାକ ୟୁନିଟ୍ ପାଇଁ ୧୫୦ କୋଟି ଟଙ୍କା ନିବେଶ କରି ୪,୦୦୦ ନିଯୁକ୍ତି ସୃଷ୍ଟି କରିବ। କାର୍ଲୁ ଟେକ୍ସ ପ୍ରାଲି କଟକରେ ରେଡିମେଡ୍ ପୋଷାକ ୟୁନିଟ୍ ସ୍ଥାପନ ପାଇଁ ୬୦ କୋଟି ନିବେଶ କରିବ ଏବଂ ୨,୫୦୦ ନିଯୁକ୍ତି ସୃଷ୍ଟି ହେବ। ପର୍ଫେକ୍ଟ ଇନ୍‌ଫ୍ରା ଭିଜନ୍ ପ୍ରା.ଲି. ବଲାଙ୍ଗିରରେ ବସ୍ତ୍ର ଓ ଆନୁଷଙ୍ଗିକ ଉତ୍ପାଦ ୟୁନିଟ୍ ପାଇଁ ୧୧୦.୭୦ କୋଟି ନିୟୋଗ କରି ୧,୦୫୦ ନିଯୁକ୍ତି ସୃଷ୍ଟି କରିବାର ଲକ୍ଷ୍ୟ ରଖିଛି। ୱାଭିନୋଭା ପ୍ରା.ଲି. କଟକରେ ସ୍ୱାସ୍ଥ୍ୟ ସେବା ଓ ହସ୍ପିଟାଲ୍ ପାଇଁ ଅବୁଣା ବ୍ୟବହାର ଯୋଗ୍ୟ ସାମଗ୍ରୀ ୟୁନିଟ୍ ପାଇଁ ୫୭.୫୩ କୋଟି ଟଙ୍କା ବିନିଯୋଗ ସହ ୨୧୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପିଉ ଫ୍ୟାସନ୍ ପ୍ରା.ଲି. ଖୋର୍ଦ୍ଧାରେ ପୋଷାକ ୟୁନିଟ୍ ପାଇଁ ୯୬.୯୯ କୋଟି ଟଙ୍କା ନିବେଶ କରି ୩,୭୦୦ ନିଯୁକ୍ତି ଏବଂ ଅଦିତି ଲାଇଫ୍‌ଷ୍ଟାଇଲ୍ ପ୍ରା.ଲି. ଖୋର୍ଦ୍ଧାରେ ବୁଣା ବସ୍ତ୍ର ଓ ପୋଷାକ ୟୁନିଟ୍ ପାଇଁ ୨୦୯.୩୬ କୋଟି ଟଙ୍କା ନିବେଶ କରି ୧,୦୮୦ଟି ନିଯୁକ୍ତି ଲକ୍ଷ୍ୟ ରଖିଛନ୍ତି। ପର୍ଯ୍ୟଟନ କ୍ଷେତ୍ରରେ ଏସ୍‌ୱାଇସିଇ ଇଣ୍ଡିଆ (ଓପିସି) ପ୍ରା.ଲି. ସମ୍ବଲପୁରରେ ୫-ତାରକା ବିଶିଷ୍ଟ ଆଡମ୍ବରପୂର୍ଣ୍ଣ ରିସୋର୍ଟ ପାଇଁ ୧୦୭.୪୨ କୋଟି ଟଙ୍କା ନିବେଶ କରିବ ଏବଂ ଏହା ଦ୍ୱାରା ୧୫୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଯାନ୍ତ୍ରିକ ଓ ବୈଦ୍ୟୁତିକ ଉପକରଣ ଦ୍ରବ୍ୟ ଉତ୍ପାଦନ କ୍ଷେତ୍ରରେ ରାହୀ ଟ୍ରାକ୍ ଟେକ୍ନୋଲୋଜିଜ୍ ପ୍ରା.ଲି. ଖୋର୍ଦ୍ଧାରେ ଭାରି ଇସ୍ପାତ କାଷ୍ଟିଂ ବ୍ୟବସ୍ଥା ପାଇଁ ୧୪୦ କୋଟି ଟଙ୍କା ବିନିଯୋଗ କରିବ ଓ ଏହା ଦ୍ୱାରା ୧୫୦ ନିଯୁକ୍ତି ସୁଯୋଗ ମିଳିବ।

# ଜେନ୍ ଜେଡ୍

ଜେନ୍ ଜେଡ୍ ଆଜିକାର ସାଂସ୍କୃତିକ, ସାମାଜିକ ଏବଂ ଆର୍ଥିକ ଭୂ-ରାଇଜକୁ ହଲାଇବାରେ ଲାଗିଛି। ସେମାନେ ଦ୍ରୁତ ପ୍ରଯୁକ୍ତିବିଦ୍ୟା ପ୍ରଗତି, ଗୁରୁତ୍ୱପୂର୍ଣ୍ଣ ସାମାଜିକ ପରବର୍ତ୍ତନ ଏବଂ କ୍ରମାଗତ ଭାବରେ ବର୍ଦ୍ଧିଷ୍ଣୁ ବିଶ୍ୱ ସଂଯୋଗ ଦ୍ୱାରା ପରିଗଠିତ ପରିବେଶରେ ବଢ଼ିଛନ୍ତି। ନବେ ଦଶକର ଶେଷ ଏବଂ ୨୦୧୦ ଦଶକର ପ୍ରାରମ୍ଭ ମଧ୍ୟରେ ଜନ୍ମିତ ଶିଶୁମାନେ ଏକ ଡିଜିଟାଲ୍-ପ୍ରଥମ ବିଶ୍ୱରେ ବିତାଇଛନ୍ତି। ସ୍ମାର୍ଟଫୋନ୍, ସୋସିଆଲ ମିଡିଆ ଏବଂ ତୁରନ୍ତ ଯୋଗାଯୋଗ ସେମାନଙ୍କ ଦୈନନ୍ଦିନ ଜୀବନର ଏକ ଅଂଶ ହୋଇପଡ଼ିଛି। ୨୦୨୫ ବେଳକୁ ସେମାନେ ପ୍ରାରମ୍ଭିକ କିଶୋର ଅବସ୍ଥାକୁ ଯାଉଛନ୍ତି। ଆଉ କିଛି ଏବେ ଯୁବାବସ୍ଥାରେ। ଏଇ ଯୁଗର ଛୁଆଙ୍କ ଭିତରେ ପ୍ରମୁଖ ଦର୍ଶନ ହେଲା ନାନ୍ଦନିକତା। ତାହା ବି ଭିନ୍ନ ଢଙ୍ଗରେ ଆପଣେଇବା ଏବଂ ପ୍ରଦର୍ଶିତ କରିବାର ମୋହ। ଏମାନଙ୍କୁ ଅନେକେ ହୁଏତ କହିପାରନ୍ତି ସଂସ୍କୃତି ବିରୋଧୀ, ଉଦ୍ଭଟ ଓ ଉଚ୍ଛୃଙ୍ଖଳିତ ଚରିତ୍ର ଛୁଆ। କିନ୍ତୁ ଏ କଥାକୁ ଗ୍ରହଣ କରା ନ ଯାଇପାରେ। ସେମାନେ ସଂସ୍କୃତି ଓ ପରମ୍ପରାପ୍ରେମୀ। କିନ୍ତୁ ଗତାନୁଗତିକ ପାରମ୍ପରିକ ଧାରାକୁ ଗ୍ରହଣ ନକରି ତାକୁ ଟିକେ ନୂଆ ରୂପ ଦେଇ ଗ୍ରହଣ କରିବାରେ ସେମାନେ ସିଦ୍ଧହସ୍ତ। ଜେନ୍ ଜେଡ୍ ହେଉଛି ପ୍ରଥମ ପ୍ରକୃତ ଡିଜିଟାଲ୍ ନେଟିଭ୍ ପିଢ଼ି, ଯିଏ ଇଣ୍ଟରନେଟ ସହିତ ବଞ୍ଚୁଛନ୍ତି। ସେମାନେ ବିବିଧତା, ସମାନତା ଏବଂ ଅନ୍ତର୍ଭୁକ୍ତିକୁ ପ୍ରାଥମିକତା ଦେଇ ଆସୁଛନ୍ତି।

ପ୍ରକୃତ, ପ୍ରାମାଣିକ ଅଭିଜ୍ଞତା ଖୋଜନ୍ତି ଏବଂ ସେସବୁକୁ ସମ୍ପୂର୍ଣ୍ଣ ଭାବରେ ସେମାନଙ୍କ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନରେ ପ୍ରତିଫଳିତ କରିବାକୁ ଚେଷ୍ଟା କରିଥାନ୍ତି। ଲାଭ ବ୍ୟତୀତ ସ୍ପଷ୍ଟ ଉଦ୍ଦେଶ୍ୟ ଥିବା ସଂଗଠନ ସହିତ ଜଡିତ ହେବା ଏବଂ ସମର୍ଥନ କରିବାକୁ ଅଧିକ ପସନ୍ଦ କରନ୍ତି। ବିଶେଷକରି ସ୍ଥିରତା ଏବଂ ସାମାଜିକ ମଙ୍ଗଳ ସମ୍ବନ୍ଧୀୟ କାର୍ଯ୍ୟ ପ୍ରତି ବେଶ୍ ସଚେତନ। ଜେନ୍ ଜେଡ୍ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟକୁ ସମର୍ଥନ କରୁଥିବା ଏକ ସଂସ୍କୃତିକୁ ପ୍ରାଥମିକତା ଦେଇ କର୍ମକ୍ଷେତ୍ର ଆଶାକୁ ବହୁଗୁଣିତ କରିଥାନ୍ତି। ପାରମ୍ପରିକ ପ୍ରଥା ଏବଂ ଛୁଟିଦିନ ସଂସ୍କୃତିକୁ ହ୍ରାସ କରିବାକୁ ଚେଷ୍ଟା କରିଥାନ୍ତି। ସେମାନେ କାମ ବିଷୟରେ ବାସ୍ତବବାଦୀ। ଆର୍ଥିକ ସ୍ୱଚ୍ଛଳ ଓ ସ୍ୱାଧୀନଚେତା ସଂଚୟ ଏବଂ ନିବେଶ କରିବାରେ ପାରଦର୍ଶିତା ହାସଲ କରିଛନ୍ତି। ବିଶ୍ୱ ମାନ୍ଦାବସ୍ଥାବେଳେ ଜନ୍ମିତ ହୋଇଥିବାରୁ ବାଲ୍ୟାବସ୍ଥାରେ ଅଭିଭାବକଙ୍କ ଆର୍ଥିକ ସ୍ଥିତିକୁ ପରଖିଛନ୍ତି। ସେଭଳି ସମୟ ଦେଇ ନିଜ ଜୀବନକୁ ପରିଚାଳିତ କରିବାକୁ ଆଗ୍ରହ ପ୍ରକଟ କରନ୍ତିନି। ଟଙ୍କା ସହିତ ବହୁତ ଚତୁର। ୫୯ ପ୍ରତିଶତରୁ ଅଧିକ ଏଇ ଯୁଗର ପିଲା ଟଙ୍କା ସଞ୍ଚୟ କରିବା ପାଇଁ ଯୋଜନା କରନ୍ତି ଏବଂ ଅନ୍ୟ ପିଢ଼ିକୁ ପଛରେ ପକାଇଛନ୍ତି। ନିବେଶ କ୍ଷେତ୍ରରେ ସେମାନେ ଅନ୍ୟ ପିଢ଼ିଠାରୁ ବହୁ ଆଗରେ। ସେହିପରି ଏକ ପରିସଂଖ୍ୟାନ ଅନୁସାରେ ଜେନ୍ ଜେଡ୍ ବିବାହିତଙ୍କ ସଂଖ୍ୟାରେ ୪୫ ପ୍ରତିଶତ ବୃଦ୍ଧି ଘଟିଛି ଏବଂ କିଶୋରଙ୍କ ସଂଖ୍ୟାରେ ୨୩ ପ୍ରତିଶତ ବୃଦ୍ଧି ପାଇଛି। ସେହିଭଳି ୧୯ ପ୍ରତିଶତ ବର୍ତ୍ତମାନ କାର୍ଯ୍ୟକ୍ଷେତ୍ରରେ ନିଷ୍ପତ୍ତି ଗ୍ରହଣକାରୀ ଦାୟିତ୍ୱ ନିର୍ବାହ କରୁଛନ୍ତି। ଆଗକୁ ଏହି ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ୩୯ ପ୍ରତିଶତ ଜେନ୍ ଜେଡ୍ ଯୁବକ ଆଗାମୀ ଛଅ ମାସରେ ଏକ ନୂତନ ଚାକିରି ଖୋଜିବା ଲକ୍ଷ୍ୟରେ ରହିଥାନ୍ତି। ସେମାନେ ଗୋଟିଏ ସ୍ଥାନରେ ସ୍ଥାଣୁ ହୋଇ କାମ କରିବାକୁ ପସନ୍ଦ କରନ୍ତିନି। କାର୍ଯ୍ୟ-ଜୀବନ ସନ୍ତୁଳନକୁ ଗୁରୁତ୍ୱ ଦିଅନ୍ତି ଏବଂ ସେମାନଙ୍କର ବ୍ୟକ୍ତିଗତ ମୂଲ୍ୟବୋଧ ଏବଂ ଲକ୍ଷ୍ୟ ସହିତ ସମନ୍ୱିତ ଚାକିରି ଖୋଜିଥାନ୍ତି। କର୍ମରେ ପ୍ରତିବଦ୍ଧତା ପ୍ରଦର୍ଶନ ସହ ନିଜସ୍ୱ ଅଭିବୃଦ୍ଧି ଏବଂ ସନ୍ତୋଷକୁ ପ୍ରାଧାନ୍ୟ ଦେଇଥାନ୍ତି। ଏହି କାରଣରୁ ଲକ୍ଷ୍ୟ ପ୍ରାପ୍ତି ପାଇଁ ନିଜକୁ ସବୁଦିଗରୁ ଫିଟ୍ କରିବାକୁ ସର୍ବଦା ଚେଷ୍ଟିତ।

ଏଇ ପିଢ଼ିର ପିଲା ପରିବେଶ ଓ ଜଳବାୟୁ ପରିବର୍ତ୍ତନକୁ ନେଇ ସୋସିଆଲ ମିଡିଆରେ ଆନ୍ଦୋଳନକୁ ବ୍ୟାପକ କରିଥାନ୍ତି ଏବଂ ପ୍ରଭାବୀ ଢଙ୍ଗରେ ଉପସ୍ଥାପନା କରିଥାନ୍ତି। କାମବେଳେ ଧୁମ୍ କାମ ଏବଂ ଅବସର ସମୟରେ ଦୁଃସାହସିକ ଯାତ୍ରା, ପରିଭ୍ରମଣ, ସମାଜସେବା ପ୍ରତି ବିଶେଷ ରୁଚି ରଖନ୍ତି। ନିଜ ଉପାର୍ଜନର କିଛି ଅର୍ଥ ସାମାଜିକ ସେବାରେ ବ୍ୟୟ ଲାଗି ବି ପଛଘୁଞ୍ଚା ଦିଅନ୍ତିନି। ଏହା ଏକ ଶୁଭ ସଂକେତ। ଏସବୁ ଭିତରେ ବଡ଼ ଆହ୍ୱାନଭରା କଥା ହେଲା ସେମାନେ ଅଧିକତଃ ଚିନ୍ତାର ଶିକାର ହୁଅନ୍ତି। ପୂର୍ବ ପିଢ଼ି ଅପେକ୍ଷା ଅଧିକ ବ୍ୟବହାରିକ ଏବଂ ଶୀଘ୍ର ପରିପକ୍ୱ ହୋଇଥିଲେ ବି ମାନସିକ ସ୍ୱାସ୍ଥ୍ୟ ଏବେ ବଡ଼ ସମସ୍ୟା ହୋଇ ଠିଆ ହୋଇଛି। ଅଳ୍ପ ନିଦ୍ରା, କମ୍ ଆହାର, ବାହାର ଖାଦ୍ୟ ପ୍ରତି ରୁଚି, ମନ ଓ ଶରୀରକୁ ଥକ୍କା ମେଣ୍ଟାଇବା ଲାଗି ସୁଯୋଗ ନ ଦେବା ଏବଂ ସର୍ବୋପରି ଅଭିଭାବକଙ୍କଠାରୁ ଦୂରରେ ଏକାକୀ ଜୀବନ ବିତେଇବା ଯୋଗୁ ଏ ଯୁଗର ପିଲାଙ୍କ ଭିତରେ ମାନସିକ ଅସୁସ୍ଥତା ଅଧିକ। ଏହି ପିଢ଼ି ଯେତେବେଳେ କୌଣସି ସମସ୍ୟାର ସମାଧାନ କରିବାରେ କିମ୍ବା କିଛି ଗବେଷଣା କରିବାରେ ଅଥବା ଏକ କଠିନ ଧାରଣା ପାଇବାରେ ଆବଶ୍ୟକ କରନ୍ତି ସେତେବେଳେ ଗୁରୁଜନଙ୍କ ପ୍ରତି ଆସ୍ଥା ଅପେକ୍ଷା ଏଆଇ ଆଡ଼କୁ ମୁହାଁଇଥାନ୍ତି। ସେମାନଙ୍କ ଦୃଢ ଧାରଣା ମାତାପିତା ଗୁରୁଜନଙ୍କୁ ଜଣାଇ ଗାଳି ଶୁଣିବା ଅପେକ୍ଷା ଏଆଇରୁ ସମାଧାନ ଖୋଜିବା ବରଂ ଭଲ। ଏହି କାରଣରୁ ଅନେକ ସମୟରେ ଅପରିପକ୍ୱ ସିଦ୍ଧାନ୍ତ ନେଇଥାନ୍ତି, ଯାହା ଜୀବନକୁ ବିପନ୍ନ କରି ଦେଇଥାଏ।

ସେମାନଙ୍କର ବଡ଼ ଧାରଣା ଏବଂ ବଡ଼ ଲକ୍ଷ୍ୟ ଅଛି। ତା ସହିତ ସେମାନେ ଯେଉଁ ବିଶ୍ୱରେ ପାଦ ଦେଉଛନ୍ତି ସେ ବିଷୟରେ ବାସ୍ତବବାଦୀ ମଧ୍ୟ। ଏସବୁ ସତ୍ତ୍ୱେ ସେମାନଙ୍କ ଭିତରେ ଥିବା ଅଦ୍ଭୁତ ଖିଆଲ ଓ ନୂଆକରି ଦେଖାଇବାର ମାନସିକତା ଅନେକ ସମୟରେ ବୁମେରାଂ ହୋଇପଡ଼ିଥାଏ। ଏ ସମୟରେ ଅଭିଭାବକମାନେ ସେମାନଙ୍କ ରୁଚି ଓ ଆଗ୍ରହକୁ ପରଖିବା ଆବଶ୍ୟକ। ନିଜର ଇଚ୍ଛାକୁ ଲଦି ଦେବାକୁ ଚେଷ୍ଟା କଲେ ପରିସ୍ଥିତି ଭୟଙ୍କର ହୋଇପାରେ। ସେମାନଙ୍କ ଭିତରେ ପରିଦୃଶ୍ୟ ଅପାର କର୍ମଶକ୍ତି, ବଜାର ପ୍ରତି ସଚେତନ ଏବଂ ସାମାଜିକ ଆନ୍ଦୋଳନକୁ ପରିଚାଳନା କରିବାର ଶକ୍ତିଶାଳୀ ଶକ୍ତି ସୁଚାରୁ ରୂପରେ ନିୟୋଜିତ ନ ହୋଇ ଅବାଟକୁ ଚାଲିଗଲେ ରାଷ୍ଟ୍ର ପ୍ରତି ବିପଦ ହୋଇପାରେ। ପ୍ରତ୍ୟେକ ମାତାପିତା, ଶାସନ, ପ୍ରଶାସନ ଏଇ ପିଢିର ଛୁଆର ପାରଙ୍ଗମତା ପ୍ରତି ଯେତିକି ଖୁସି ହେବା ଜରୁରୀ ତାଠାରୁ ଅଧିକ ଭାବରେ ସେମାନଙ୍କର ଦକ୍ଷତାର ସଦୁପଯୋଗ ଲାଗି ସଚେତନ ହେବା ଅନିବାର୍ଯ୍ୟ। ସାମାନ୍ୟ ଭୁଲ ପଦକ୍ଷେପ ହୁଏତ ଆଜିକାର ନେପାଳର ପରିସ୍ଥିତି ଭଳି ହୋଇପାରେ। ସଂସ୍କୃତି, ପରମ୍ପରା ଓ ପରିବେଶର ସଂରକ୍ଷଣ ସହ କିଶୋର ଓ ଯୁବ ଶକ୍ତିକୁ ଠିକ୍ ମାର୍ଗଦର୍ଶନ ହେବା ଜରୁରୀ। ସେମାନେ ବି ସଂସ୍କୃତି ଓ ପ୍ରକୃତିପ୍ରେମୀ। ଯାହା ଖାଲି ରୁଚି ଅଲଗା। ସେଇ ରୁଚିରେ ଯାହା ଆବଶ୍ୟକ ତାକୁ ପରଷିବା ବିଧେୟ। କାରଣ ଏବେ ତ ଜେନ୍ ଜେଡ୍କୁ ବିଶ୍ୱ ଦେଖୁଛି ଓ ଭୋଗୁଛି। ଆଗକୁ ଆସୁଛି ଜେନ ଆଲ୍ଫା। ଜେଡ୍‌ର ପରିବର୍ତ୍ତିତ ସ୍ୱରୂପ ଯାହା ଅଧିକ ଶାଣିତ ଓ ପ୍ରଖର ମଧ୍ୟ।

# ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସିଆରେ ଦେଖାଯାଉଥିବା ଅସ୍ଥିରତା

ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସିଆରେ ଦେଖାଯାଉଥିବା ଅସ୍ଥିରତା ଉଭୟ ଭାରତ ଓ ତାହାର ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ପାଇଁ ଅଧିକ ବିପଜ୍ଜନକ ହୋଇଛି। ନିକଟରେ ନେପାଳର ହିଂସାତ୍ମକ ବିଦ୍ରୋହରେ ଏହା ପ୍ରତିଫଳିତ ହୋଇଛି। ଭାରତର ପୂର୍ବଭାଗରେ ଥିବା ବାଂଲାଦେଶରେ ୨୦୨୪ରେ ମଧ୍ୟ ସମାନ ପ୍ରକାର ଉତ୍ତେଜନା ପ୍ରକାଶ ପାଇବା ଯୋଗୁ ସେଠାକାର ସରକାର କ୍ଷମତାଚ୍ୟୁତ ହୋଇଥିଲେ। ଏହା ସହ ଦକ୍ଷିଣ-ପୂର୍ବରେ, କୋର୍ଟ ନିର୍ଦ୍ଦେଶରେ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀଙ୍କୁ ହଟାଇ ଦିଆଯିବା ଏବଂ ସୀମାରେ କାମ୍ବୋଡ଼ିଆ ସହ ଏହାର ସଂଘର୍ଷ ଭଳି ଘଟଣା ସାମ୍ନାକୁ ଆସିଛି। ଆର୍ମଡ୍ କନ୍‌ଫ୍ଲିକ୍ଟ ଲୋକେଶନ ଆଣ୍ଡ୍ ଇଭେଣ୍ଟ ଡେଟା ପ୍ରୋଜେକ୍ଟର ତଥ୍ୟ ଅନୁଯାୟୀ, ମ୍ୟାନ୍‌ମାରରେ ଆଙ୍ଗ୍ ସାନ୍ ସୁକିଙ୍କ ଗଣତାନ୍ତ୍ରିକ ସରକାରର ପତନ ଘଟାଇ ମିଲିଟାରି ଶାସନ ପ୍ରତିଷ୍ଠା ହେବା ପରଠାରୁ ଗୃହଯୁଦ୍ଧରେ ୨୦୨୧ରୁ ଏଯାବତ୍ ଅତିକମ୍‌ରେ ୮୦ ହଜାର ଲୋକଙ୍କ ଜୀବନ ଗଲାଣି। ଭାରତର ପଶ୍ଚିମରେ ପାକିସ୍ତାନରେ ଇସ୍‌ଲାମିକ ଉଗ୍ରବାଦୀ ଗୋଷ୍ଠୀ ସକ୍ରିୟ ହେବା ସହ ସେଠାରେ ଅର୍ଥନୀତି ଭୁଶୁଡ଼ି ପଡ଼ିବା ଶାସକୀୟ ପ୍ରଦର୍ଶନରେ ଦୁର୍ବଳତା ଦର୍ଶାଇଛି। ଦକ୍ଷିଣରେ, ଶ୍ରୀଲଙ୍କାରେ ୩ ବର୍ଷ ପୂର୍ବେ ଏହାର ପ୍ରଧାନମନ୍ତ୍ରୀ ବିତାଡ଼ିତ ହେବା ପରେ କିଛିଟା ସ୍ଥିରତା ଆସିଥାଇପାରେ, କିନ୍ତୁ ଏହାର ଅର୍ଥ ବ୍ୟବସ୍ଥାର ପୁନର୍ଗଠନର ସଙ୍କେତ ଦେଖାଯାଇନି। ଏହା ବ୍ୟତୀତ ଭାରତର ଉତ୍ତରରେ, ଆଞ୍ଚଳିକ କ୍ଷେତ୍ରରେ ପ୍ରାଧାନ୍ୟ ବୃଦ୍ଧି ପାଇଁ ଚାଇନାର ଆକାଂକ୍ଷା ଅସ୍ଥିରତାର ଆଉ ଏକ ଉତ୍ସ ବୋଲି କୁହାଯାଇପାରେ।

ବାଂଲାଦେଶରୁ ଆସୁଥିବା ଅଧିକ ଶରଣାର୍ଥୀ ଭାରତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଅଶାନ୍ତ ସ୍ଥିତି ସୃଷ୍ଟି କରୁଛନ୍ତି। ଏହାବ୍ୟତୀତ ପାକିସ୍ତାନ ପ୍ରାୟୋଜିତ ସୀମାପାର ଆତଙ୍କବାଦ ଯୋଗୁ ଚଳିତବର୍ଷ ଯୁଦ୍ଧ ପରିସ୍ଥିତି ଉପୁଜିଥିଲା। ଏବେ ନେପାଳର ଅସ୍ଥିର ରାଜନୀତି ଚାଇନାକୁ ପୁନର୍ବାର ହସ୍ତକ୍ଷେପ କରିବାର ସୁଯୋଗ ଦେଇଛି। ଏଭଳି ଅସ୍ଥିରତାକୁ ଭାରତ କିଭଳି ଅନୁଧ୍ୟାନ କରି ହ୍ରାସ କରିବ ଏବଂ କିପରି ଆଞ୍ଚଳିକ ସ୍ଥିରତା ଆଣିବ ତାହା ହିଁ ବଡ଼ ପ୍ରଶ୍ନ। ଏବେ ନେପାଳରୁ ଆରମ୍ଭ କରିବା। ଏହା ଏକ ମହତ୍ତ୍ୱାକାଂକ୍ଷୀ ସମ୍ବିଧାନ ଦ୍ୱାରା ତିଷ୍ଠି ରହିବାକୁ ସଂଗ୍ରାମ କରିଆସିଛି, ଯାହା ଦୁଇ ଦଶନ୍ଧି ପୂର୍ବେ ଏକ ଦୀର୍ଘ ମାଓ ବିଦ୍ରୋହକୁ ଶେଷ କରିବାକୁ ଗଢ଼ାଯାଇଥିଲା। ନେପାଳର ସରକାରୀ ସଂସ୍ଥାଗୁଡ଼ିକ ଦୁର୍ବଳ ରହିଛନ୍ତି ଓ ବାଧାର ସମ୍ମୁଖୀନ ହେଉଛନ୍ତି ଏବଂ ବିଚ୍ଛିନ୍ନତାବାଦ, ଦୁର୍ନୀତି ତଥା ଏକ ବିଶ୍ୱାସଯୋଗ୍ୟ ବ୍ୟବସ୍ଥା ଆଣିବାରେ ରାଜନୈତିକ ନେତାମାନଙ୍କ ଅକ୍ଷମତା ଯୋଗୁ ସ୍ଥିରତାର ଆଶା ବାରମ୍ବାର ଧୂଳିସାତ୍ ହୋଇଯାଇଛି। ଏହିସବୁ ଗମ୍ଭୀର ତ୍ରୁଟି ଯୋଗୁ ନିକଟରେ ସେଠାରେ ହିଂସା ଉପୁଜିଛି। ନେପାଳ ସହିତ ଆମର ଦୀର୍ଘ ତଥା ଖୋଲା ସୀମା ରହିଛି। ଏଣୁ ସେଠାରୁ ଅତ୍ୟଧିକ ଶରଣାର୍ଥୀ ଆଗମନ ଓ ସୀମାପାର ଅପରାଧର ଆଶଙ୍କା ଅଛି। ତଥାପି ଭାରତ ସହ ଥିବା ଦୃଢ଼ ସାଂସ୍କୃତିକ, ଜାତିଗତ, ଧାର୍ମିକ ଓ ଆର୍ଥିକ ସମ୍ପର୍କ କିଭଳି ନଷ୍ଟ ନ ହେବ, ସେଥିପାଇଁ ନେପାଳ ସରକାର ସବୁବେଳେ ସତର୍କ ରହିବ। ତେବେ ନେପାଳର ଘରୋଇ ରାଜନୀତିରେ ବଢୁଥିବା ଚାଇନାର ପ୍ରଭାବକୁ ଅଣଦେଖା କରାଯିବା ଉଚିତ ନୁହେଁ, ଯାହା ରଣନୀତିକ ଦୃଷ୍ଟିରୁ ଭାରତ ପାଇଁ ଅତ୍ୟନ୍ତ ଚିନ୍ତାର କାରଣ ହେବ। ବାଂଲାଦେଶରେ, ଶେଖ୍ ହାସିନାଙ୍କୁ ବିତାଡ଼ିତ କରାଯିବା ପରଠାରୁ ଏକ ମଧ୍ୟବର୍ତ୍ତିକାଳୀନ ସରକାର ଚାଲିଛି। ହେଲେ ସେଠାରେ ଆଇନଶୃଙ୍ଖଳା ବଜାୟ ରଖିବା କିମ୍ବା ମାନବ ଅଧିକାର ସୁରକ୍ଷା କ୍ଷେତ୍ରରେ ଏହି ସରକାର ବିଫଳ ହୋଇଛି। କିଛି ଦଶନ୍ଧି ପୂର୍ବରୁ ଥିବା ତାହାର ଏକ ସମୃଦ୍ଧ ଅର୍ଥ ବ୍ୟବସ୍ଥା ଏବେ ଘରୋଇ ରାଜନୈତିକ ଅସ୍ଥିରତା ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ମାଡ଼ରେ ଚାପଗ୍ରସ୍ତ ହୋଇପଡ଼ିଛି। ରାଜନୈତିକ ଉତ୍ତେଜନାର ପରିବେଶ ଯୋଗୁ ଦେଶର ସଂଖ୍ୟାଲଘୁମାନେ ଅତ୍ୟଧିକ ଅସୁରକ୍ଷିତ ମଣୁଛନ୍ତି। ତେବେ ସୀମାରେ ପ୍ରବାଶନ ଓ ଆତଙ୍କବାଦ ହେଲେ ଢାକାରେ ବ୍ୟବସ୍ଥିତ ଶାସନ ଦରକାର। କିନ୍ତୁ ଏବକାର ମଧ୍ୟବର୍ତ୍ତିକାଳୀନ ସରକାରଙ୍କ ବିଫଳତାକୁ ଦେଖିଲେ ଭାରତ ପ୍ରତି ଅଧିକ ବିପଦ ରହିଛି ବୋଲି କୁହାଯାଇପାରେ।

ପ୍ରଥମ ଥର ପାଇଁ ଥାଇଲାଣ୍ଡର ବିପର୍ଯ୍ୟୟ ଓ କାମ୍ବୋଡ଼ିଆ ସହ ସୀମା ବିବାଦକୁ ଗୁରୁତ୍ୱ ଦିଆ ନ ଯାଇପାରେ, କିନ୍ତୁ ଭାରତ ତାହାର ଆକ୍ଟ ଇଷ୍ଟ ପଲିସିରେ ଦକ୍ଷିଣ-ପୂର୍ବ ଏସୀୟ ଦେଶ ସଂଗଠନର ୧୦ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହିତ ଏକ ଗଭୀର ଆର୍ଥିକ ଓ ରଣନୀତିକ ସମ୍ପର୍କ ଯୋଡ଼ିବା ଆରମ୍ଭ କରିଛି। ସେହି ସଂଗଠନରେ କୌଣସି ଅସ୍ଥିରତା ସୃଷ୍ଟିହେଲେ ଏଭଳି ପଦକ୍ଷେପ ବିଗିଡ଼ିଯିବ। ଦୀର୍ଘଦିନରୁ ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସିଆ ମଧ୍ୟରେ ଥାଇଲାଣ୍ଡ ଏକ ସମ୍ପର୍କର ସେତୁ ଭାବେ ରହିଆସିଛି। ଯଦି ଏହାର ବ୍ୟବସ୍ଥା ଦୁର୍ବଳ ହୋଇଯାଏ ଏବଂ କାମ୍ବୋଡ଼ିଆ ସହ ସୀମା ଉତ୍ତେଜନା ବୃଦ୍ଧିପାଏ, ତେବେ ଭାରତର ଏକ ପରସ୍ପର ସମ୍ବନ୍ଧିତ ତଥା ସୁରକ୍ଷିତ ପ୍ରଶାନ୍ତ ମହାସାଗରୀୟ କରିଡର ସମ୍ଭବ ହୋଇପାରିବ ନାହିଁ।

ପାକିସ୍ତାନରେ ଦୀର୍ଘ ସମୟରୁ ସମସ୍ୟା ଲାଗି ରହିଛି। ୨୦୨୨ରେ ମିଲିଟାରି ସମର୍ଥନରେ ଇମ୍ରାନ୍ ଖାନ୍‌ଙ୍କ ନିର୍ବାଚିତ ସରକାରକୁ ବିଦା କରାଯିବା ପରେ ଦେଶର ସିଭିଲିଆନ୍ ଅଥରିଟିଗୁଡ଼ିକୁ ଲଗାତର ଅଣଦେଖା କରାଯାଇଆସୁଛି। ରକ୍ତାକ୍ତ ରାଜନୀତିରେ ଉଗ୍ରବାଦୀ ଗୋଷ୍ଠୀଗୁଡ଼ିକ ସକ୍ରିୟ ହୋଇଯାଇଛନ୍ତି ଏବଂ ପାକିସ୍ତାନର ଦୁର୍ବଳ ଅର୍ଥ ବ୍ୟବସ୍ଥା ଏହାର ଗତିଶୀଳତାକୁ ଆହୁରି ବଢ଼ାଇଦେଇଛି। ଭାରତର ଦୃଷ୍ଟିକୋଣକୁ ଦେଖିଲେ ଏହାର ଆଭ୍ୟନ୍ତରୀଣ ସମସ୍ୟାଠାରୁ ପାକିସ୍ତାନର ସମସ୍ୟାଗୁଡ଼ିକ ଅଧିକ ଗୁରୁତ୍ୱ ରଖେ, କାରଣ ସେମାନେ ନିୟମିତ ଭାବେ କଶ୍ମୀରରେ ଲାଇନ୍ ଅଫ୍ କଣ୍ଟ୍ରୋଲ(ଏଲ୍‌ଓସି)ରେ ଅଧିକ ବିପଦ ସୃଷ୍ଟି କରିବା ସହ ଆତଙ୍କବାଦକୁ ପ୍ରୋତ୍ସାହିତ କରି ଆଞ୍ଚଳିକ ଶାନ୍ତିର ଆଶାକୁ ଭାଙ୍ଗି ଦେଉଛନ୍ତି। କେବଳ ଏତିକି ନୁହେଁ, ସେମାନେ ଆଣବିକ ବିପର୍ଯ୍ୟୟର ସଙ୍କଟ ସୃଷ୍ଟି କରୁଛନ୍ତି। ପାକିସ୍ତାନ-ଚାଇନାର ସମ୍ପର୍କ ବର୍ତ୍ତମାନର ସ୍ଥିତିକୁ ଆହୁରି ଜଟିଳ କରିଦେଇଛି।

ଭାରତର ପଡ଼ୋଶୀ ଦେଶଗୁଡ଼ିକରେ ଗଣତନ୍ତ୍ରର ଅଧୋଗତି ହେବା ଲକ୍ଷ୍ୟ କରାଯାଉଛି। ସମ୍ବିଧାନର ପୁନର୍ଲିଖନ ହେଉଛି ଓ ନ୍ୟାୟାଳୟଗୁଡ଼ିକର ରାଜନୀତିକରଣ କରାଯାଉଛି। ଦୁର୍ବଳତାକୁ ଦେଖି ଅନେକ ସେନାଧ୍ୟକ୍ଷ ଖୋଲାଖୋଲି ଭାବେ ଗଣତନ୍ତ୍ରରେ ବାଧା ସୃଷ୍ଟି କରିବା ସହ ରାଜନେତାଙ୍କୁ ଜେଲ୍‌ରେ ରଖୁଛନ୍ତି କିମ୍ବା ନିର୍ବାସିତ କରୁଛନ୍ତି। ଏହି ଧାରାକୁ ପ୍ରତିହତ କରିବା ପାଇଁ ବିଶ୍ୱର ବୃହତ୍ ଗଣତାନ୍ତ୍ରିକ ଦେଶ ଭାରତ ପାଇଁ ଏକ ଅଧିକ ଦୃଢ଼ ଆଞ୍ଚଳିକ ରଣନୀତି ଆପଣାଇବାକୁ ପଡ଼ିବ। ଅବଶ୍ୟ ପାକିସ୍ତାନ ବ୍ୟତୀତ ଅଧିକାଂଶ ଦକ୍ଷିଣ ଏସିଆ ଦେଶ ଯେତେବେଳେ ସଙ୍କଟର ସମ୍ମୁଖୀନ ହୁଅନ୍ତି, ସେତେବେଳେ ଭାରତ ପ୍ରଥମେ ପଦକ୍ଷେପ ନେଇଥାଏ। କିନ୍ତୁ ଭାରତର ପଡ଼ୋଶୀମାନେ ଏହାର ସାହାଯ୍ୟ ଦରକାର ନାହିଁ ବୋଲି ଭାବି ସେମାନଙ୍କ ସୁରକ୍ଷା ବିଷୟକୁ ଅଣଦେଖା କରୁଛନ୍ତି। ତେବେ ଭାରତର ପଡ଼ୋଶୀ ଦେଶଗୁଡ଼ିକ ଅଧିକ ବିପଜ୍ଜନକ ସ୍ଥିତିରେ ନ ଥିଲେ ମଧ୍ୟ ବିଶ୍ୱର ଅନେକ ଦେଶ ଏହାକୁ ଅଧିକ ଅନିଶ୍ଚିତତା ମଧ୍ୟକୁ ଠେଲି ଦେଉଛନ୍ତି। ଏହି ଅଞ୍ଚଳରେ ଟ୍ରମ୍ପ୍‌ଙ୍କ ଏକଚାଟିଆ ନୀତିକୁ ଛୋଟ ଦେଶଗୁଡ଼ିକ ପ୍ରତ୍ୟାଖ୍ୟାନ କରୁଛନ୍ତି। ଜାପାନ ଓ ଦକ୍ଷିଣ କୋରିଆ ଆଣବିକ ଅସ୍ତ୍ରଶସ୍ତ୍ରର ଅଧିକାରୀ ହେବାକୁ ଯେଉଁ ଲକ୍ଷ୍ୟ ରଖିଛନ୍ତି, ଯାହାକୁ ନେଇ ବିତର୍କ ଚାଲିଛି।

ଝଡ଼ ସାମ୍ନାରେ ଭାରତ ମଜଭୁତ ଭାବେ ଠିଆ ହୋଇଥିଲେ ମଧ୍ୟ ଆଞ୍ଚଳିକ ଓ ଟ୍ରମ୍ପ୍‌ଙ୍କ ପ୍ରେରିତ ଅସ୍ଥିରତା ଯୋଗୁ ଦେଶର ଗୁରୁତ୍ୱପୂର୍ଣ୍ଣ ରଣନୀତିକ ସ୍ୱାଧୀନତା ବଜାୟ ରଖିବା କଷ୍ଟକର ହୋଇପଡୁଛି। ଏବେ ଆମେରିକା ସହ ସମ୍ପର୍କ ଦୃଢ଼ କରିବାର ସମୟ ନୁହେଁ, ବରଂ ଆମେରିକାର ନୀତିରେ ହଠାତ୍ ହୋଇଥିବା ପରିବର୍ତ୍ତନକୁ ବିରୋଧ କରାଯିବା ସହ ରଣନୀତିକ, ପ୍ରଯୁକ୍ତିଗତ ତଥା ଆର୍ଥିକ କ୍ଷେତ୍ରରେ ଆଞ୍ଚଳିକ ଭାଗୀଦାରି ଜାରି ରଖିବାକୁ ପଡ଼ିବ। ଦକ୍ଷିଣ ଏସିଆରେ ଭାରତ ତାହାର ପ୍ରାଧାନ୍ୟ ବିସ୍ତାର କରିବାକୁ ଚାହୁଁନାହିଁ। ବରଂ ଏହାର ଲକ୍ଷ୍ୟ ହେଉଛି ଏକ ସମ୍ମିଳିତ, ନିୟମ ଆଧାରିତ ଏବଂ ପରସ୍ପର ସମ୍ବନ୍ଧିତ ଆଞ୍ଚଳିକ କ୍ଷେତ୍ର ଗଢ଼ିବା, ଯଦ୍ଦ୍ୱାରା ବାରମ୍ବାର ଦେଖାଯାଉଥିବା ସଙ୍କଟର ଏକ ଇତିହାସରେ ପରିବର୍ତ୍ତନ ଆସିବା ଓ ଭବିଷ୍ୟତରେ ଏକ ସ୍ଥାୟୀ ସ୍ଥିରତା ପ୍ରତିଷ୍ଠା ହୋଇପାରିବ।

# ବିଜୟ ବାବୁ ଏବେ ବି ସୂକ୍ଷ୍ମ ରୂପରେ ବିଦ୍ୟମାନ: ସ୍ୱାମୀ ସଦାନନ୍ଦ ସରସ୍ୱତୀ

## ‘ସମ୍ବାଦ’ର ପୂର୍ବତନ ପ୍ରକାଶକ ବିଜୟ କୁମାର ପଟ୍ଟନାୟକଙ୍କ ପଞ୍ଚମ ବାର୍ଷିକ ପବିତ୍ର ପୂଣ୍ୟତିଥି ଉପଲକ୍ଷେ ସ୍ମୃତିସଭା


ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି ଅତିଥିବୃନ୍ଦ

ଭୁବନେଶ୍ୱର: ‘ସମ୍ବାଦ’ର ପୂର୍ବତନ ପ୍ରକାଶକ ବିଜୟ କୁମାର ପଟ୍ଟନାୟକଙ୍କ ପଞ୍ଚମ ବାର୍ଷିକ ପବିତ୍ର ପୂଣ୍ୟତିଥି ଉପଲକ୍ଷେ ଏକ ସ୍ମୃତିସଭା ହୋଟେଲ ଲେମନ ଟ୍ରି, ଭୁବନେଶ୍ୱରଠାରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ‘ସମ୍ବାଦ’ର ଅଧକ୍ଷ ତଥା ବିଜୟ କୁମାର ପଟ୍ଟନାୟକ ମେମୋରିଆଲ୍ ଆଣ୍ଡ୍ ଚାରିଟେବୁଲ୍ ଟ୍ରଷ୍ଟର ଅଧକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଚିନ୍ମୟ ମିଶନ ଓଡ଼ିଶା ମୁଖ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ, ‘ନିର୍ଭୟ’ର ସମ୍ପାଦକ ନବୀନ ଦାସ ଏବଂ ‘ପିକକ୍’ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପଞ୍ଚାନନ କାନୁନ୍‌ଗୋ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ବିଜୟ ପଟ୍ଟନାୟକଙ୍କ ଭଳି ଏକ ସାଙ୍ଗଠନିକ ଦକ୍ଷତା ଥିବା ବ୍ୟକ୍ତିଙ୍କୁ ସମ୍ବାଦ ପାଇଥିଲା। ତାଙ୍କର ସାଙ୍ଗଠନିକ ଦକ୍ଷତା ଅନନ୍ୟ। ଏକ ପ୍ରମୁଖ ସମ୍ବାଦପତ୍ର ‘ସମ୍ବାଦ’ର ସେ ଥିଲେ ପ୍ରଚ୍ଛଦପଟର ନାୟକ। ସମ୍ବାଦର ପ୍ରକାଶନ ଦାୟିତ୍ୱ ଏଭଳି ସୁଚାରୁ ରୂପେ ତୁଲାଇଥିଲେ ଯେ ଯାହା ସମ୍ବାଦକୁ ଆଜି ରାଜ୍ୟର ଏକ ନମ୍ବର ଖବରକାଗଜର ମାନ୍ୟତା ଦେବାରେ ସହାୟକ ହୋଇଛି। ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଦୀର୍ଘ ୩୫ ବର୍ଷ କାଳ ସେ ସମ୍ବାଦର ସେବାରେ ନିଜକୁ ସମର୍ପିତ କରିଥିଲେ। ସମ୍ବାଦର ପ୍ରକାଶକ ପରି ବଡ଼ ପଦବୀରେ ଥାଇ ମଧ ସେ ବେଶ୍ ସରଳ, ପରୋପକାରୀ, ଧର୍ମପରାୟଣ ବ୍ୟକ୍ତି ଥିଲେ। ସମ୍ମାନିତ ଅତିଥି ସ୍ୱାମୀ ସଦାନନ୍ଦ ସରସ୍ୱତୀ ଜନ୍ମ ଓ ମୃତ୍ୟୁ ସମ୍ବନ୍ଧରେ ତାଙ୍କର ସମ୍ୟକ୍ ଅଭିଭାଷଣ ଦେଇଥିଲେ। ସେ ତାଙ୍କର ଅଭିଭାଷଣରେ ଶାସ୍ତ୍ର ଏବଂ ଗୀତାର ଉଦାହରଣ ଦେଇ କହିଥିଲେ ଯେ ବିଜୟ ବାବୁଙ୍କ ଶରୀର କେବଳ ପଞ୍ଚମହାଭୂତରେ ବିଲୀନ ହୋଇଛି। କିନ୍ତୁ ସେ ସୂକ୍ଷ୍ମ ରୂପରେ ଏବେ ବି ଆମ୍ଭମାନଙ୍କ ପାଖରେ ବିଦ୍ୟମାନ ଅଛନ୍ତି। ଏହାସହିତ ସେ ବିଜୟ ବାବୁଙ୍କ ସୁପୁତ୍ର ଡାକ୍ତର ସ୍ୱରୂପ ପଟ୍ଟନାୟକଙ୍କୁ ରୋଗୀ ଚିକିତ୍ସା ସମୟରେ ପିତାଙ୍କ ଉପସ୍ଥିତିକୁ ଅନୁଭବ କରି ତାଙ୍କର ସ୍ୱପ୍ନକୁ ସାକାର କରିବାକୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ନବୀନ ଦାସ କହିଥିଲେ ଯେ ବିଜୟ ବାବୁ ମୋର ଜଣେ ସହକର୍ମୀ ଥିଲେ। ଆମେ ସାଙ୍ଗ ହୋଇ ଦୀର୍ଘ ଆଠ ବର୍ଷ ଏକାଠି କାର୍ଯ୍ୟ କରିଛୁ। ବିଜୟ ପଟ୍ଟନାୟକ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସମ୍ବାଦର ସେବାରେ ନିଜକୁ ସମର୍ପିତ କରିଥିଲେ। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଏବଂ ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କର ବ୍ୟକ୍ତିତ୍ୱ ଏବଂ ବିଭିନ୍ନ କାର୍ଯ୍ୟକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଲୋକଲୋଚନକୁ ଆଣିଲେ ଅନ୍ୟମାନେ ଏଥିରୁ ପ୍ରେରଣା ପାଇବେ। ପିକକ୍‌ର ନିର୍ଦ୍ଦେଶିକା ଅନୁରାଧା ମହାନ୍ତି କହିଥିଲେ ଯେ ବିଜୟ ସାର୍‌ଙ୍କ ସହିତ ସମ୍ପର୍କ ବହୁତ ପୁରୁଣା। ତାଙ୍କ ସାନ ଭାଇ ଅଜୟ କୁମାର ପଟ୍ଟନାୟକ ଶ୍ରମ ନିର୍ଦ୍ଦେଶାଳୟରେ ଚାକିରି କରିଥିବାବେଳେ ତାଙ୍କ ସଂସ୍ପର୍ଶରେ ଆସିଲା ପରେ ବିଜୟ ସାର୍‌ଙ୍କ ସହିତ ଘନିଷ୍ଠତା ଆହୁରି ବଢ଼ିଯାଇଥିଲା। ବିଜୟ ସାର୍ ଜଣେ ଅତ୍ୟନ୍ତ ପରୋପକାରୀ, ସମାଜସେବୀ ଓ ମିଷ୍ଟଭାଷୀ ଅଟନ୍ତି। ସମାଜସେବା ପ୍ରତି ତାଙ୍କର ଅବଦାନ ଚିର ସ୍ମରଣୀୟ ହୋଇ ରହିବ। ଶେଷରେ ସୌମ୍ୟରଞ୍ଜନ ପଟ୍ଟନାୟକ କହିଥିଲେ, ବିଜୟ ବାବୁ ଆମ ସମ୍ବାଦ ପରିବାରର ପ୍ରଥମ ସହଯୋଗୀ ସଦସ୍ୟ ଥିଲେ। ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସମ୍ବାଦର ସେବାରେ ନିଜକୁ ସମର୍ପିତ କରିଥିଲେ। ସମ୍ବାଦରେ ତାଙ୍କର ଅବଦାନକୁ କେବେ ବି ଭୁଲିହେବ ନାହିଁ। ସେ ଏକ ସଫଳ ବ୍ୟକ୍ତିତ୍ୱ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ପାଞ୍ଚ ଜଣଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ହେମନ୍ତ କୁମାର ରାଉତ, ବରିଷ୍ଠ ସାମ୍ବାଦିକଙ୍କୁ ବିଜୟ ପଟ୍ଟନାୟକ ମେମୋରିଆଲ୍ ଜର୍ଣ୍ଣାଲିଷ୍ଟ ଆୱାର୍ଡ-୨୦୨୫ରେ ସମ୍ବର୍ଦ୍ଧନା କରି ମାନପତ୍ର ଏବଂ ପଚିଶ ହଜାର ଟଙ୍କାର ଅର୍ଥରାଶି ପୁରସ୍କାର, କମଳାକାନ୍ତ ଖାମୁରାଇଙ୍କୁ ବିଜୟ ପଟ୍ଟନାୟକ ମେମୋରିଆଲ୍ ନିଉଜପେପର ହକର ଆୱାର୍ଡ଼-୨୦୨୫, ମାନପତ୍ର ଏବଂ କୋଡ଼ିଏ ହଜାର ଟଙ୍କାର ଅର୍ଥରାଶି ପୁରସ୍କାର, ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଯୁଗ୍ମ ଭାବେ ସର୍ବୋଚ୍ଚ ନମ୍ବର ରଖିଥିବା ଦୁଇଜଣ ଚନ୍ଦନ କୁମାର ମହାନ୍ତ ଏବଂ ସୁଶ୍ରୀ ବବିତା ରଥ ଉଭୟଙ୍କୁ ବିଜୟ ପଟ୍ଟନାୟକ ମେମୋରିଆଲ୍ ଆୱାର୍ଡ-୨୦୨୫, ମାନପତ୍ର ଏବଂ ଉଭୟଙ୍କୁ



ମଞ୍ଚରେ ସମ୍ବର୍ଦ୍ଧିତ ଛାତ୍ରଛାତ୍ରୀ ଏବଂ ବ୍ୟକ୍ତି ବିଶେଷ

ଦଶହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସେହିପରି ଶିଶୁ ଶ୍ରମରୁ ମୁକ୍ତ ହୋଇ ଶିକ୍ଷାକୁ ଗ୍ରହଣ କରିଥିବା କୁମାରୀ ସୁନେଲୀ ମୁଣ୍ଡାଙ୍କୁ ବିଜୟ ପଟ୍ଟନାୟକ ମେମୋରିଆଲ୍ ଆୱାର୍ଡ-୨୦୨୫ ସହିତ ମାନପତ୍ର ଏବଂ କୋଡ଼ିଏ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏତଦ୍‌ବ୍ୟତୀତ ‘ମୋ ବାପା ଓ ବାପା’ ନାମକ ବୃତ୍ତିଚିତ୍ରର ନିର୍ଦ୍ଦେଶକ ଜ୍ୟୋତିଶଙ୍କର ସିଂ ଓ ସଂଗୀତ ନିର୍ଦ୍ଦେଶକ ବିଧୁଭୂଷଣ ରାଉତଙ୍କୁ ମଧ ସମ୍ବର୍ଦ୍ଧନା କରାଯାଇଥିଲା। ପ୍ରାରମ୍ଭରେ ବିଜୟ କୁମାର ପଟ୍ଟନାୟକ ମେମୋରିଆଲ୍ ଆଣ୍ଡ୍ ଚାରିଟେବୁଲ୍ ଟ୍ରଷ୍ଟ ତରଫରୁ ‘ମୋ ବାପା ଓ ବାପା’ ନାମକ ଏକ ବୃତ୍ତିଚିତ୍ର ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇ ପ୍ରଦର୍ଶିତ ହୋଇଥିଲା। ଉକ୍ତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ସୁଦାତା ପଟ୍ଟନାୟକ, ଦିବ୍ୟଜ୍ୟୋତି ପଟ୍ଟନାୟକ, ନବଜ୍ୟୋତି ପଟ୍ଟନାୟକ, ମନୋଜ ନାୟକ, ସୋଆ, ଗୌତମ ବୁଦ୍ଧ ଦାସ, ବିଧାୟକ ଭୋଗରାଇ, ସି.ଭି. ରମଣ ଗ୍ଲୋବାଲ୍ ୟୁନିଭର୍ସିଟିର ପ୍ରତିଷ୍ଠାତା ସଂଜିବ କୁମାର ରାଉତ, ଶରତ ଚନ୍ଦ୍ର ଭଦ୍ରା, ଡକ୍ଟର ଗୌରହରି ଦାଶ, ଅସିତ ମହାନ୍ତି, କମଳାକାନ୍ତ ମହାପାତ୍ର, ଭବାନୀ ଶଙ୍କର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଟ୍ରଷ୍ଟର ପରିଚାଳନା ଟ୍ରଷ୍ଟି ଅଜୟ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଆଇନ୍‌ଜୀବୀ ସୁଶାନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଟ୍ରଷ୍ଟର ଅନ୍ୟତମ ସଦସ୍ୟ ଆଶିଷ କୁମାର ମହାନ୍ତି, ସ୍ୱରୂପ ମହାପାତ୍ର, ଡ. ସ୍ୱରୂପ କୁମାର ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ବେଦାନ୍ତ ପଞ୍ଚମ ବାର୍ଷିକ ପବିତ୍ର ପୂଣ୍ୟତିଥି ଉପଲକ୍ଷେ ଆୟୋଜିତ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ। ଏହି ଅବସରରେ ପ୍ରାତଃରେ ସି.ଆର.ପି. ଛକ ସ୍ଥିତ ଶ୍ରୀ ଶ୍ରୀ ସଙ୍କଟ ମୋଚନ ହନୁମାନ ମନ୍ଦିରରେ ଶ୍ରୀରାମ ଚରିତ ମାନସ ଅଖଣ୍ଡ ପାଠର ଶୁଭାରମ୍ଭ ସହିତ ୧୦୮ ଦୀପଦାନ ଏବଂ ବିଜୟ କୁମାର ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ବହୁ ବିଶିଷ୍ଟ ବ୍ୟକ୍ତି ମାଲ୍ୟାର୍ପଣ କରିଥିଲେ। ପରେ ପରେ ‘ଆଶ୍ରୟ ଚିଲଡ୍ରେନ୍ ହୋମ୍’ ଡୁମୁଡୁମାରେ ପିଲାମାନଙ୍କୁ ଖାଦ୍ୟ ଓ ବସ୍ତ୍ର ପ୍ରଦାନ କରାଯାଇଥିଲା।

**ରିପୋର୍ଟ: ରଣଜିତ୍ ପଟ୍ଟନାୟକ**
**ମୁଖ୍ୟ ପ୍ରତିନିଧି**


ଶ୍ରୀ ଶ୍ରୀ ସଙ୍କଟମୋଚନ ମନ୍ଦିର, ସିଆର୍‌ପି ଛକରେ ୧୦୮ ଦୀପଦାନ


ଡୁମୁଡୁମା ସ୍ଥିତ ‘ଆଶ୍ରୟ ଚିଲ୍‌ଡ୍ରେନ୍ ହୋମ୍’ରେ ଖାଦ୍ୟ ଓ ବସ୍ତ୍ର ବଣ୍ଟନ

## ଭାରତ ପାଇଁ ନିଷ୍ପତ୍ତି ବଦଳାଇପାରେ ଆମେରିକା: ସିଇଏ

# ନଭେମ୍ବର ପରେ ଅତିରିକ୍ତ ୨୫% ଶୁଳ୍କ ପ୍ରତ୍ୟାହାର !

ନୂଆଦିଲ୍ଲୀ: ଆଗାମୀ ଦିନରେ ଭାରତ ପାଇଁ ଏକ ଭଲ ଖବର ଆସିବାକୁ ଯାଉଛି। ଏପରି କିଛି ସୂଚନା ଦେଇଛନ୍ତି ଦେଶର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ। ଶ୍ରୀ ନାଗେଶ୍ୱରନ୍ କହିଛନ୍ତି, ଭାରତ ଉପରେ ଲାଗୁ କରିଥିବା ଅତିରିକ୍ତ ୨୫% ଶୁଳ୍କ ନିଷ୍ପତ୍ତିକୁ ଆମେରିକା ପ୍ରତ୍ୟାହାର କରିପାରେ। ଚଳିତ ମାସ ଅର୍ଥାତ୍ ନଭେମ୍ବର ୩୦ ପରେ ଆମେରିକା ନିଜ ନିଷ୍ପତ୍ତିକୁ ପ୍ରତ୍ୟାହାର କରିବାର ଏକ ଆଶା ସଞ୍ଚାର ହୋଇଛି। ନାଗେଶ୍ୱରନ୍‌ଙ୍କ କହିବାନୁସାରେ ଦୁଇଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ଉପରେ ଦ୍ୱିପାକ୍ଷିକ ଆଲୋଚନା ଆରମ୍ଭ ହୋଇଛି। ନିକଟରେ ଆମେରିକାର ପ୍ରତିନିଧି ଦଳ ଭାରତ ଆସି ଆଲୋଚନା କରି ଫେରିଛନ୍ତି। ଦ୍ୱିପାକ୍ଷିକ ଆଲୋଚନା ବେଶ୍ ସକାରାତ୍ମକ ବାତାବରଣ ମଧ୍ୟରେ ହୋଇଥିବାରୁ ଏବଂ ଆମେରିକା ଏବେ ଏଦିଗରେ ଚିନ୍ତା କରିବାକୁ ପ୍ରତିଶ୍ରୁତି ଦେଇଛି। ଫଳରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ସମ୍ପର୍କରେ ଯଥେଷ୍ଟ ଉନ୍ନତି ହେବାର ଏକ ବଡ଼ ସମ୍ଭାବନା ସୃଷ୍ଟି ହୋଇଛି। ଏତଦ୍‌ବ୍ୟତୀତ ସାମ୍ପ୍ରତିକ ସମୟରେ ସୋସିଆଲ ମିଡିଆ ଏବଂ ଫୋନ୍ କଲ୍ ମାଧ୍ୟମରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ସକାରାତ୍ମକ ଆଲୋଚନା ହେବା ଏହି ସମ୍ଭାବନାକୁ ବହୁଗୁଣିତ କରିଛି।

## ପ୍ରିୟ ସଖା

ଜାଣିପାରୁନି ସଖା
କୋଉ ମୋହରେ ଚାଲି ଆସିଲି
ଏତେ ବାଟ
କାହାର ହସ ହସ ମୁହଁର ଆକର୍ଷଣରେ
ଭୁଲିଗଲି ସାଆଁଡା ଗଛର ଆତ୍ମକଥା
ଲିଭେଇଦେଲି ପିଠୋଉର ଲକ୍ଷ୍ମୀପାଦ
କାହାର ପ୍ରତିରୂପରେ ଦିଶିଗଲା
ତୁମ ରୂପ ଅବୟବ, ହାତର ବଂଶୀ
କୋଉଠି ଲୁଚିଗଲ ତୁମେ ?
ଏବେ ଖାଲି ବେଳାଭୂମିର ଗହଳଚହଳ
ଫେରି ଯାଉଥିବା ଅଶାନ୍ତ ସମୁଦ୍ରର ଢେଉ।
ମୁଁ କାହିଁକି ଫେରି ପାରୁନି !
ଏତେ ମାୟା ମମତା ଅନିଦ୍ରାରେ
ଗଢ଼ିଥିବା ମୋର ଛୋଟିଆ ନୀଡ଼କୁ
ତୁମେ ପବନର ପାଗଳାମୀ ପରି
କାହିଁକି ବିଭୋର କରୁଛ ଜାଣିନି
କାହିଁକି ଥରକୁ ଥର ବାହୁ ମେଲି
ମୋତେ ଡାକୁଛି ସମୁଦ୍ର ଜାଣିନି
କାହିଁକି ମୁଁ ଖୋଜି ହେଉଛି ମୋ ଦେହରେ
ପବନର ଛୁଆଁ ତା'ବି ଜାଣିନି
ଅନ୍ଧାର ଗୁହାରେ, ନିର୍ଜନ ଦ୍ୱୀପରେ
ତୁମେ ନୀଳ ଶିଖାଟିଏ
ଶିଆଳି ଲଟାତଳେ ଖୋଜୁଛି ତୁମକୁ
ଈଶ୍ୱର ପରି ଲାଗୁଥବା
ହେ ମୋର ପ୍ରିୟ ସଖା
ଏତେ ସ୍ୱପ୍ନ ଆସିଲା କୋଉଠୁ
ତା ବି ଜାଣିନି
ତୁମେ ମୋର ସ୍ୱପ୍ନ ହୁଅ ଆଶା ହୁଅ
ଭାଗ୍ୟ ହୁଅ କି ଭଗବାନ ହୁଅ
ତୁମ ମୁରଲୀର ମୂର୍ଚ୍ଛାନାରେ
ତଲ୍ଲୀନ ଦେବଦାସୀ ମୁଁ
ଏବେ ତ ଏ ସଂସାରରୁ ଡାକି ନିଅ
ଏବେ ତ ଏ ମାୟା ବନ୍ଧନରୁ ମୁକ୍ତି ଦିଅ।

**ଶ୍ୱେତା ରାଉତ**
କଟକ ରୋଡ଼, ଭୁବନେଶ୍ୱର

## ଜାଗ୍ରତ ହୁଅ ଯୁବଶକ୍ତି

ଉଠ ଜାଗ୍ରତ ହୁଅ ଜାଗ୍ରତ ହୁଅ
ପଲକ ନପକା ପଲଙ୍କରେ,
ତୋ' ଦେଶର ଧନ ହେଉଛି ନିଧନ
ଶୋଇଛୁ ତୁ କେତେ ନିଶ୍ଚିନ୍ତରେ ॥
ବିଦେଶୀ ଲୋଟୁଛି ତୋ ଦେଶ ସମ୍ପତ୍ତି
ତୋ ହାତ ମୁଠାରୁ ପ୍ରତିକ୍ଷଣେ,
କିଆଁ ସୁପ୍ତ ଅଛୁ ବେନି ନେତ୍ର ମେଲି
ଜାଣି ପାରୁନୁକି ଏହି କ୍ଷଣେ ॥
ଛୁଞ୍ଚି ଠାରୁ ନେଇ ମୋବାଇଲି ଯାଏଁ
ସବୁ ତୁ ଆଣୁଛୁ ବିଦେଶରୁ,
ଡାଟା ପେକ୍ ଦେଇ ଫେସବୁକ ଦେଖୁ
ବିଦେଶ ତିଆରି ଆଆପରୁ ॥
ଯେଦେଶେ ଯୁବକ ଯେତେ ବେଶି ଥିବ
ବିଶ୍ୱେ ପରାକ୍ରମୀ ସେଇ ଦେଶ,
ମୋ ଦେଶ ଯୁବକ ସୁପ୍ତ କିସ ପାଇଁ
ଉଣା କି ଯୁବକେ ମୋର ଦେଶ ॥
ବିଶ୍ୱେ ସର୍ବାଧିକ ଯୁବଶକ୍ତି ଏଠି
ମୋ ଦେଶ ମାଟିରେ ଅଛି ରହି,
ଉଠ ଜାଗିଉଠ ହେ ଯୁବ ସମାଜ
ତୁମ ଶକ୍ତି କଥା ଦିଅ କହି ॥
ବିଦେଶୀ ଦରବ କରି ବରଜନ
ସ୍ୱଦେଶୀ କୌଶଳ ଆପଣେଇ,
ଅଜଥା ସମୟ ବର୍ବାଦ ନକରି
ନୂଆ ଉଦ୍ଭାବନ କର ଯାଇ ॥
ଉଠ ଜାଗ୍ରତ ହୁଅ ଜାଗ୍ରତ ହୁଅ
ଜାଗ୍ରତ ହୁଅ ହେ ଯୁବଶକ୍ତି,
ଆମ ପରାକାଷ୍ଠା ଦେଖାଇ ବିଶ୍ୱରେ
ଦେଖାଅ ବିଶ୍ୱକୁ ଆମ ଶକ୍ତି ॥

**ଦିଗମ୍ବର ବେହେରା**
କୁମୁଟିଗୁଡ଼ା, ମାଲକାନଗିରି

# ସେହି ଗୋଟିଏ ଦିନ

**ରବୀନ୍ଦ୍ର ଗୌଡ଼**



ବହୁ ଦିନ ପରେ ଆଜି ହଠାତ୍ ଏକ ବିଶେଷ କାମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସିବାକୁ ପଡ଼ିଲା। ମୋର ଠିକ୍ ସେ ମନେହୁଏ, ଏହା ବୋଧେ ପ୍ରାୟ ଚାରି/ପାଞ୍ଚ ବର୍ଷର ବ୍ୟବଧାନ ହେବ କିଛି ସରକାରୀ କାର୍ଯ୍ୟରେ ଏଠାକୁ ଆସିବା। ନୂଆ ନୂଆ କୋଠା, ଗାଡ଼ି, ପାର୍କିଂ ସୁବିଧା, ରିସେପ୍ସନ୍ ଆଦି ଦେଖି ଭାରି ଖୁସି ଲାଗିଲା। ହେଲେ ମନରେ ଗୋଟେ ପ୍ରଶ୍ନ ଉଠୁଥିଲା ସବୁଠିକ୍ ଯେ, ଏ ଦିଆନିଆଟା ବଦଳିଛି କି ନାଇଁ ଜାଣିବା ପାଇଁ। ଦୀପାବଳିକୁ ତିନି ଚାରି ଦିନ ଥିଲା। ସୁପ୍ରିମକୋର୍ଟର ନିର୍ଦ୍ଦେଶାନୁସାରେ ବାଣ ବିକ୍ରି ଉପରେ ବହୁତ କଡ଼ା ନିୟମକାନୁନ୍ ଏବଂ ନିର୍ଦ୍ଦେଶ ଜାରି କରିଥିଲେ ଜିଲ୍ଲାପାଳ। ତେଣୁ ସବୁ ବ୍ଲକ୍‌ର ଚେୟାରମ୍ୟାନ୍ ଏବଂ ବାଣ ବିକ୍ରି ସଂଘର ସଭାପତିମାନେ ଆସିଥାନ୍ତି ଜିଲ୍ଲାପାଳଙ୍କୁ ଭେଟିବା ପାଇଁ। ପାର୍କିଂରେ ପୂରା ଭିଡ଼। ବହୁ କଷ୍ଟରେ ମୋର ବାଇକ୍‌ଟିକୁ ରଖି ଆସିଲି ରିସେପ୍ସନ୍ ନିକଟକୁ। ହାତରେ ମୋର କିଛି ଫାଇଲ୍ ଥାଏ। କଳାଚଷମାଟିକୁ ନ ଓହ୍ଲେଇ ରିସେପ୍ସନିଷ୍ଟ୍‌ଙ୍କୁ ପଚାରିଲି, ଅମୁକ ବିଭାଗଟି କେଉଁଠି ? ସେ କହିଲେ, ସିଧାଯାଇ ଡାହାଣପଟ ପ୍ରଥମ ରୁମ୍ ବୋଲି। ସେପରି ଗଲି। ହେଲେ ଜାଣିଲି ଯେ, ଦୁର୍ଭାଗ୍ୟବଶତଃ ମୁଁ ଭୁଲ ସମୟରେ ଆସିଥିଲି; ମଧ୍ୟାହ୍ନ ଭୋଜନ ବିରତିବେଳେ। କିଛି ଅଫିସର୍‌ଙ୍କ ଚୌକି ଫାଙ୍କା ଥିଲା। ଜଣେ ମ୍ୟାଡାମ୍ ଥା'ନ୍ତି। ମୁଁ ମୋ ହେଲ୍‌ମେଟ୍‌ଟିକୁ ଗୋଟେ ଚୌକି ଉପରେ ରଖି ତାଙ୍କ ପାଖକୁ ଗଲି। ଫାଇଲ୍ ଦେଖାଇ ପଚାରିଲି, ଅମୁକ କାମଟି ପାଇଁ ଦରଖାସ୍ତ କରିବାର ଅଛି ଜିଲ୍ଲାପାଳଙ୍କ ନିକଟରେ। ସେ କହିଲେ, 'ଏଇ କେବିନ୍‌ରେ ଦେବେ। ଆପଣ ଟିକେ ବସନ୍ତୁ; ସାର୍ ଯାଇଛନ୍ତି ଖାଇବା ପାଇଁ, ଆସିଲେ ଭେଟିବେ।' ମୁଁ ଠିକ୍ ଅଛି କହି, କବାଟପାଖ ଏକ ବେଞ୍ଚରେ ବସି ଅପେକ୍ଷାକଲି।

ଦିନ ଦ୍ୱିପହର। ଅକ୍ଟୋବର୍ ମାସରେ ବି ଗରମ ଲାଗୁଥାଏ। କେତେ ସମୟ ଅପେକ୍ଷା କରିବାକୁ ହେବ ଜାଣିନଥାଏ; ତେଣୁ ମୋବାଇଲ୍‌ଟା ବାହାରକରି ସର୍ଫିଂ କରିବା ଆରମ୍ଭ କଲି। ଦେଖୁଦେଖୁ ପନ୍ଦର ମିନିଟ୍ ହେଇଗଲା। ଜଣ ଜଣ କରି କିଛି ଅଫିସର୍ ଫେରିଲେ ନିଜ ଡେସ୍କକୁ। ନିଜନିଜ ଭିତରେ କଥାବାର୍ତ୍ତା, ମଜା ମଜଲିସ୍ ଚାଲିଲା। ସେହି ମ୍ୟାଡାମ୍ ଜଣକୁ ଡାକି କହିଲେ, 'ତମେ ପାକୁଡ଼ି ଖାଇବ କହୁଥିଲ ପରା। ନିଅ ପଇସା ନିଅ। ଆଉ ଶୁଣ ! କାଲି ଯାହା ପାଖରୁ ଆଣିଥିଲ, ତା'ଠୁ ଆଣିବନି; ରୋଡ୍ ଆର ପଟ ସେ ହରି ଦୋକାନ୍‌ରୁ ଆଣିବ। କହିବ ମ୍ୟାଡ଼ାମ୍ କହିଛନ୍ତି, ଭଲ୍‌ସେ ବନେଇକି ଦେବ... ଆଉ କାହାପାଇଁ କିଛି ?' ଅନ୍ୟମାନେ ମନାକଲେ। ମୁଁ ଭାବିଲି, ଆଜି ବୋଧେ ମ୍ୟାଡ଼ାମ୍‌ଙ୍କ କିଛି ସ୍ପେଶାଲ୍ ଦିନ ଥିବ ! ସେଥିପାଇଁ ଟ୍ରିଟ୍ ଦେଉଛନ୍ତି। ଲଞ୍ଚ ଟାଇମ୍ ସରିଆସିଲାଣି। ମୋତେ ଯାହାକୁ ଭେଟିବାକୁ ହେବ, ସେ କିଏ ମୁଁ ଜାଣେନା। ସେ ଆସିଲେଣି କି ନାହିଁ ବି ଜାଣିପାରୁନଥାଏ। ସମସ୍ତେ ନିଜନିଜ କାର୍ଯ୍ୟରେ ଲିପ୍ତ ହେଲେଣି। ଏତିକିରେ ଚାହାବାଲା ଆସି ସମସ୍ତଙ୍କ ଟେବୁଲ୍‌ରେ ଚାହା ଥୋଇଥୋଇ ଗଲା। ମ୍ୟାଡ଼ାମ୍ ତାକୁ କହିଲେ, ମୋତେ ବି ଚାହା ଦେବା ପାଇଁ। ସେ ଆଣି ମୋତେ ବି ଚାହା କପେ ବଢ଼ାଇଦେଲା। ମୁଁ ତାକୁ ଗୋଟେ ଢୋକରେ ପିଇ ପାଖରେ ଥିବା ଡଷ୍ଟବିନ୍‌ରେ ଫୋପାଡ଼ିଦେଲି। ମ୍ୟାଡ଼ାମ୍ ମୋତେ କହିଲେ, 'ଆଉ ଟିକେ ବସନ୍ତୁ; ସାର୍ ଆସିଯିବେ।' ମୁଁ ବାଧ ହୋଇ ଅପେକ୍ଷା କଲି। ଏପଟେ ମୋ ଅଫିସ୍‌ରୁ ଫୋନ୍ ଆସୁଥାଏ। ଏକ ଘଣ୍ଟା ପାଇଁ ଛୁଟି ମାଗି ଆସିଥିଲି। ଦେଖୁ ଦେଖୁ ଦୁଇ ଘଣ୍ଟା ହେଲାଣି।

ବାଧହୋଇ ସେ ମ୍ୟାଡ଼ାମ୍‌ଙ୍କୁ ପଚାରିଲି, 'ସାର୍ ଆସିଲେଣି ? ମୋତେ ଦୁଇ ମିନିଟ୍‌ରୁ ଅଧିକ ସମୟ ଲାଗିବନି। ଟିକେ ଆଜ୍ଞା କୁହନ୍ତୁ ଦେଖାକରିବି।' ମୋ କଥାଶୁଣି ଅନ୍ୟ ଜଣେ ବ୍ୟକ୍ତି ମୋ ପାଖକୁ ଆସି କହିଲେ, 'ଏପଟେ ଆସନ୍ତୁ ଆଜ୍ଞା। କଥା କ'ଣ କି ଆମ ସାର୍ ସକାଳୁ ଆସି ଫିଲ୍ଡକାମରେ ବାହାରକୁ ଯାଇଛନ୍ତି। କେତେବେଳେ ଆସିବେ ଆମେ ଜାଣିନୁ।'

'ଭଲକଥା ! ଏ ବିଷୟ ଆପଣ ଆଗରୁ କହିବା କଥା କି ନୁହଁ।'

ମ୍ୟାଡ଼ାମ୍ କହିଲେ, 'ଆପଣଙ୍କୁ ଦେଖି ଲାଗିଲା ବୋଧେ ଦୂରରୁ ଆସିଛନ୍ତି... ଖାଲିହାତରେ କାହିଁକି ଯିବେ, ତେଣୁ ଅପେକ୍ଷା କରିବାକୁ କହିଲି।'

ଏତିକିରେ ଅନ୍ୟଜଣେ କହିଲେ, 'ସାର୍ ଏବେ ଫୋନ୍ କରିଥିଲେ, ଆସୁଛନ୍ତି। ଟିକେ ବସିଯାନ୍ତୁ।'

ମୁଁ ପଚାରିଲି, 'କଲେକ୍ଟର୍ ଅଛନ୍ତି ?'

ସେ କହିଲେ, 'ନା। କଲେକ୍ଟର ପରା ଦିବାଳି ଛୁଟିରେ ଯାଇଛନ୍ତି।'

'ଆଉ ବାହାରେ ଯୋଉ ସବୁ ଗାଡ଼ି ଲାଗିଛି ?'

'ହଁ... ଏ.ଡି.ଏମ୍ ଚାର୍ଜରେ ଅଛନ୍ତି ନା। ତିତ୍‌ଲୀ ପରଠୁ କାହାରିକୁ ଛୁଟି ନାହିଁ। ତେଣୁ ଫାଙ୍କାଦେଖି ଯିଏ ଯା' ସମୟ କାଢୁଛନ୍ତି। ସରକାରୀ ଚାକିରୀ ପରା। ସବୁବେଳେ କ'ଣ ଗୁଲି ଗପରେ କଟେ ? ପ୍ରତିବର୍ଷ ଏଇ ଦଶହରା ଟାଇମ୍‌ରେ ଏଭଳି ଦୁର୍ବିପାକ। କ'ଣ କରାଯିବ। ଆମେ ବି ତ ମଣିଷ ନା ! ଆମର ବି ଫେମିଲି ଅଛନ୍ତି। ଏ କଥା କ'ଣ ସମସ୍ତେ ବୁଝିପାରିବେ ?'

ମୋ ପାଖରେ ଯୁକ୍ତିବାଢ଼ିବାକୁ ଆଉକିଛି ନଥିଲା। ଅଫିସ୍‌ରୁ ଘାଇଁଘାଇଁ ଫୋନ୍ ଆସୁଥାଏ। ବାଧହୋଇ ସେଠୁ ଚାଲିଆସିଲି।

*ବ୍ରହ୍ମପୁର, ଗଞ୍ଜାମ*

# କଂସେଇ

**ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ**



ଦାଉଣିରେ ବନ୍ଧା ହୋଇଛନ୍ତି ପଲ ପଲ ଛେଳି ଆଉ ମେଣ୍ଢା। ସେମାନଙ୍କ ଭିତରୁ କେହି କେହି ଟାଣି ଓଟାରି, ଭିଡ଼ିମୋଡ଼ି ହେଉଛନ୍ତି ବନ୍ଧନ ଛିଣ୍ଡେଇ ଧାଇଁ ପଳେଇବାକୁ ତ ଅନ୍ୟକେହି ଚୁପ୍‌ଚାପ୍ ଚାହିଁ ରହିଛନ୍ତି ଆଗକୁ କଣ ହେବ ଦେଖିବା ଇଚ୍ଛାରେ। କେହି କେହି ରଡ଼ି ଛାଡୁଛନ୍ତି ଅତ୍ୟନ୍ତ ବିକଳ ଭାବେ ତ କେହି କେହି ଯୋଗୀ ସନ୍ନ୍ୟାସୀ ପରି ସଂପୂର୍ଣ୍ଣ ଶାନ୍ତ, ନିର୍ଲିପ୍ତ। କେହି କେହି ଚରାମୁଣିରେ ସାଇତି ରଖିଥିବା ଖାଦ୍ୟର ଅବଶିଷ୍ଟାଂଶକୁ ପାକୁଳି କରୁଛନ୍ତି ବିନ୍ଦାସ୍ ଅନ୍ଦାଜରେ ତ ଆଉ କେହି କଅଁଳ ପତର ଖୁଣ୍ଟୁଛନ୍ତି ନିର୍ବିକାର ଭାବେ।

ଦାଉଣିବନ୍ଧା ଏଇ ଜୀବଙ୍କ ଉପରେ କେତେବେଳେ କେମିତି ନଜର ପହଁରେଇ ଆଣୁଛି କଂସେଇ। ତା' ପଟା ପଟା ନିଶକୁ କେତେବେଳେ କେମିତି ଏକ ବିଚିତ୍ର ବାଗରେ ମୋଡୁଛି ସେ। ଭୁଜାଲି ନହେଲେ କଟୁରୀକୁ ପଥରରେ ଘଷି ଘଷି ଶାଣ ଦେଉଛି କେତେବେଳେ ତ ରହି ରହି ଆଙ୍ଗୁଠି ମାରି ପରଖି ଦେଖୁଛି ତାର ଶାଣିତ ଧାର। କେତେବେଳେ କେମିତି ତା' ରକ୍ତବର୍ଣ୍ଣର ଗୋଲ ଗୋଲ ଆଖି ଦୁଇଟିକୁ ରହି ରହି ବୁଲେଇ ଆଣୁଛି ରାସ୍ତା ଉପରେ। ଯିବା ଆସିବା ଲୋକଙ୍କୁ ବି ନିରେଖି ଦେଖୁଛି ଅତି ସନ୍ତର୍ପଣରେ। ଗରାଖଙ୍କ ଆସିବା ବାଟ ଅନେଇ ରହିଛି ସେ। ଏତକ ଜଣା ପଡ଼ିଯାଉଛି ତା' ହାବଭାବରୁ।

ଗ୍ରାହକ ହେଉଛନ୍ତି ତା' ପାଇଁ ଈଶ୍ୱର। ଯେତେ ଯାହା ହେଉପଛେ ତା' ଗ୍ରାହକ ଈଶ୍ୱରଙ୍କୁ ଅସନ୍ତୋଷ କରିପାରେ ନାହିଁ କଂସେଇ। କେବଳ ସେଇଥି ପାଇଁ ତ ଗାଆଁ ଗାଆଁ, ସହର ସହର, ଝାର ଜଙ୍ଗଲ, ପାହାଡ଼ ପର୍ବତ, ହାଟ ବଜାର ସବୁଆଡ଼େ ଖେଦିଯାଏ ସେ। ଖୋଜି ଆଣେ ଜାତି ଜାତିକା ଜୀବ। ଛୁଆପିଲା, ଯୁବକ ଯୁବତୀ, ବୁଢ଼ାବୁଢ଼ୀ, କିଛି ବି ବାରଣ ନଥାଏ ତା' ପାଖରେ। ନଥାଏ ମଧ୍ୟ ଛୋଟବଡ଼ କି ସୁନ୍ଦର ଅସୁନ୍ଦରର ବାଛ ବିଚାର। ମୋଟାସୋଟା, ଚହଟ ଚିକ୍କଣ ହେଉ କି ଦୁର୍ବଳିଆ ରୋଗୀଣା ହେଉ, ସମସ୍ତଙ୍କୁ ଘଉଡ଼େଇ ଆଣେ ସେ ତା' କଂସେଇଖାନାକୁ। ସ୍ୱଇଚ୍ଛାରେ ଆସିବାକୁ ଅରାଜି ହେଲେ ହେଁ ଦଉଡ଼ି ଲଗେଇ ଭିଡ଼ିଆଣେ ସେ ବଳପୂର୍ବକ। ସଶକ୍ତ ଦଉଡ଼ିଟିରେ ବାନ୍ଧି ରଖିଥାଏ ଜୀବମାନଙ୍କୁ ତା' ଗ୍ରାହକ ଈଶ୍ୱରଙ୍କ ଅପେକ୍ଷାରେ। ଏକଥା ସତ ଯେ ଭିନ୍ନ ଭିନ୍ନ ଗରାଖର ଭିନ୍ନ ଭିନ୍ନ ପସନ୍ଦ। କେବଳ ସେଇଥି ପାଇଁ ତାକୁ ସମସ୍ତଙ୍କ ମନଜାଣି ମାଲ୍ ରଖିବାକୁ ପଡ଼େ ଏଇଠି।

ଜୀବମାନଙ୍କୁ ଦାଉଣିରେ ବାନ୍ଧିଛନ୍ଦି ଦୋକାନ ଆଗରେ ରଖିଥାଏ ବୋଲି କି ଗରାଖର ମନଜାଣି ହଲାଲ୍ କରେ ବୋଲି, ନିଷ୍ଠୁର ବୋଲି ଆମେ କହିପାରିବା ନାହିଁ ଏଇ କଂସେଇକୁ। ଯେତେବେଳ ପର୍ଯ୍ୟନ୍ତ ଜୀବଟିଏ ହଲାଲ୍ ହୋଇନାହିଁ, ସେତେବେଳ ପର୍ଯ୍ୟନ୍ତ ତା'ର ଖୁବ୍ ଯତ୍ନ ନେଉଥାଏ ସେ। ଖାଇବା ପିଇବାକୁ ଦେଉଥାଏ ବେଳକାଳ ଜାଣି। ଦେହର ହାଲ୍‌ହିସାବ୍ ବି ବୁଝୁଥାଏ। ରୋଗବାଧିକାରେ ପଡ଼ିଲେ ଡାକ୍ତର ଡ଼ାକି ଜୀବଙ୍କ ଚିକିତ୍ସା ବି କରାଇଥାଏ ସେ। ଏଇ ଦାଇଁବନ୍ଧା ଜୀବଙ୍କ ଯତ୍ନ ନେଉଥିବା ଅବସ୍ଥାରେ ମୁଁ ଯେତେବେଳେ ତାକୁ ଦେଖେ, ମୋତେ ଲାଗେ ଏଇ କଂସେଇଠୁ ବଳି ଭଲଲୋକ ଜଣେ; ଆଉ କେହି ନଥିବେ ଏଇ ସଂସାରରେ।

ଯେତେବେଳେ ଦୋକାନ ଆଗରେ ଗ୍ରାହକଙ୍କ ଭିଡ଼ ଜମେ, ସେତେବେଳେ ଖୁବ୍ ଖୁସିହୁଏ କଂସେଇ। ଅତି ଆଗ୍ରହରେ ତା' ପାଖରେ ଥିବା ଛେଳିମେଣ୍ଢା ସବୁକୁ ଦେଖାଏ ଗୋଟି ଗୋଟି କରି। କିଏ କେମିତି ? କାହା ମାଂସର ସ୍ୱାଦ କେମିତି ଲାଗିବ ? ସେସବୁ ବଖାଣି ବସେ ସେ ଗ୍ରାହକଙ୍କୁ ତା ଜୀବମାନଙ୍କ ପ୍ରତି ଆକର୍ଷିତ କରିବାପାଇଁ। ଚତୁର ଗ୍ରାହକ ମଧ୍ୟ ହାତମାରି ଦେଖେ କେଉଁ ଜୀବର ଗଳାକୁ ତ କାହାର ଅଣ୍ଟାକୁ। ଗ୍ରାହକ ଜାଣି ପସନ୍ଦ ବି ହୋଇଥାଏ ଅଲଗା ଅଲଗା। ଏକଥା ଭଲଭାବେ ଜାଣେ କଂସେଇ। ତଥାପି ନିଜଆଡୁ କେବେହେଲେ କାହାକୁ ବାଧ କରେନାହିଁ ସେ କୌଣସି ଜୀବଟିର ସପକ୍ଷରେ। ସେମିତି କଲେ ବଦ୍‌ନାମ୍ ହେଇଯିବାର ଡ଼ର ଅଛି। ବେପାର ବି ବିଗିଡ଼ି ଯାଇପାରେ କେତେବେଳେ। ତେଣୁ ଗ୍ରାହକର ବରାଦକୁ ଉତ୍କଣ୍ଠାର ସହ ଅପେକ୍ଷା କରିଥାଏ କଂସେଇ। ଆଉ ବରାଦ ପାଇବା କ୍ଷଣି ଚଳ ଚଂଚଳ ହୋଇଉଠେ ତାର ହାତ ଆଉ ପାଦ। ସଙ୍ଗେ ସଙ୍ଗେ ଦାଉଣିରୁ ବନ୍ଧନ ମୁକ୍ତ କରିଦିଏ ଗ୍ରାହକର ପସନ୍ଦିଆ ଜୀବଟିକୁ। ତା ବେକକୁ ଧରି ପିଠି ଥାପୁଡ଼େଇ ଥାପୁଡ଼େଇ, ଯତ୍ନର ସହ ନେଇଯାଏ ହଲାଲ୍ ସ୍ଥାନକୁ। କେଡ଼େ ଆଦରରେ ଆଉଁସି ଦେଉ ଦେଉ ହଠାତ୍ କେତେବେଳେ ଗଳାରେ ଛୁରୀ ଚଳେଇ ଦିଏ କଂସେଇ, ସତର୍କ ହେବା ତ ଦୂରର କଥା; ସେତକ ଆଦୌ ଜାଣିପାରେ ନାହିଁ ଜୀବଟି।

କେବେ କେମିତି ସେଇ କଂସେଇଖାନା ବାଟଦେଇ ଯିବା ଆସିବା କରିବା ବେଳେ ଏସବୁ ଦେଖୁଥାଏ ମୁଁ। ବାରମ୍ବାର ତାକୁ ବୁଝିବାକୁ ଚେଷ୍ଟା ବି କରେ। କାହିଁକି କେଜାଣି ବେଳେ ବେଳେ ମୋତେ ଲାଗେ, ସେଇ ପଟା ପଟା ନିଶବାଲା ଲୋକଟି କଂସେଇ ନୁହେଁ; ସ୍ୱୟଂ ମହାକାଳ। ଏଇ ଦାଉଣି ବନ୍ଧା ଜୀବନର ମୁକ୍ତିଦାତା।

*ଭାରତୀ କୁଟୀର, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର*

# ଅଲ୍‌ଟାଇମ୍ ଫ୍ୟାଶନେବଲ୍ ଆଉଟ୍‌ଫିଟ୍







**ଋତୁ ଯାହାବି ହୋଇଥାଉ ନା କାହିଁକି ଯୁବତୀମାନେ ସବୁବେଳେ ଫ୍ୟାଶନେବଲ୍ ଦେଖାଯିବା ପାଇଁ ଚାହିଁଥାନ୍ତି; ସେଥିପାଇଁ ସେମାନେ ଋତୁ ଅନୁଯାୟୀ ଫ୍ୟାଶନର ସବୁ ଟ୍ରେଣ୍ଡ୍‌କୁ ଫଲୋ କରିଥାନ୍ତି। ତେବେ ଏଠାରେ ସେମିତି କିଛି ଟ୍ରେଣ୍ଡି ଆଉଟ୍‌ଫିଟ୍ ସମ୍ପର୍କରେ ଉଲ୍ଲେଖ କରାଗଲା; ଯାହାକୁ ଖରା ହେଉ କି ବର୍ଷା ଯେତେବେଳେ ପିନ୍ଧିଲେ ବି ଫ୍ୟାଶନେବଲ୍ ଲୁକ୍ ପାଇପାରିବେ ...**

*** ଜମ୍ପସୁଟ୍:** ଅଲ୍ ଟାଇମ୍ ଫ୍ୟାଶନେବଲ୍ ଲୁକ୍ ଦେଇଥାଏ ଜମ୍ପସୁଟ୍। ଏହାର ଉଭୟ ଲଙ୍ଗ୍ ଜମ୍ପସୁଟ୍ ହେଉ କି ସର୍ଟ ଜମ୍ପସୁଟ୍ ଯାହାବି ପିନ୍ଧନ୍ତୁ ତାହା ଖୁବ୍ ଷ୍ଟାଇଲିଶ୍ ଲାଗିଥାଏ। ତେବେ ଧ୍ୟାନ ଦେବେ ଯଦି ଆପଣ ବର୍ଷା ହେଉଥିବା ସମୟରେ ଜମ୍ପସୁଟ୍ ପିନ୍ଧିବାକୁ ଚାହୁଁଥାନ୍ତି, ତା'ହେଲେ ସେ କ୍ଷେତ୍ରରେ ଲଙ୍ଗ୍ ପରିବର୍ତ୍ତେ ସର୍ଟ ଜମ୍ପସୁଟ୍ ପିନ୍ଧିବେ; ଯଦ୍ୱାରା କାଦୁଅ ଛିଡ଼ାରୁ ସହଜରେ ମୁକ୍ତି ପାଇପାରିବେ।

*** ନି ଲେଙ୍ଗ୍‌ଥ ସ୍କର୍ଟ ଓ ଟପ୍ସ:** ଯଦି କୌଣସି ସାଙ୍ଗର ବାର୍ଥଡେ ପାର୍ଟି କିମ୍ବା ଗେଟ୍ ଟୁଗେଦର୍ ପାର୍ଟିକୁ ଯିବାର ଥାଏ, ତା'ହେଲେ ସେ କ୍ଷେତ୍ରରେ ନି ଲେଙ୍ଗ୍‌ଥ ସ୍କର୍ଟ ଓ ଟପ୍ସ ପିନ୍ଧିବା ଏକ ଭଲ ଅପ୍ସନ ହୋଇଥାଏ। ଖାସ୍‌କରି ଡେନିମ୍ ସ୍କର୍ଟ ଅନେକଙ୍କର ପସନ୍ଦ ହୋଇଥାଏ। କିନ୍ତୁ ଯଦି ବର୍ଷା ହେଉଥାଏ ତା'ହେଲେ ଡେନିମ୍ ସ୍କର୍ଟକୁ ଛାଡ଼ି ଅଲଗା ଯେ କୌଣସି ଫାବ୍ରିକ୍ ନି ଲେଙ୍ଗ୍‌ଥ୍ ସ୍କର୍ଟ ଓ ମ୍ୟାଚିଂ ଟପ୍ସ ପିନ୍ଧି ଷ୍ଟାଇଲିଶ୍ ଲୁକ୍ ପାଇପାରିବେ। କାରଣ ବର୍ଷାରେ ଡେନିମ୍ ସ୍କର୍ଟ ଥରେ ଓଦା ହୋଇଗଲେ ତାହା ଶୁଖିବାକୁ ଟିକେ ଅଧିକ ସମୟ ଲାଗିଥାଏ।

*** ଶର୍ଟ୍ସ ଓ ଶାର୍ଟ:** କମ୍ଫର୍ଟେବଲ୍ ଓ ଷ୍ଟାଇଲ୍ ଦୃଷ୍ଟି କୋଣରୁ ଦେଖିଲେ ଏହି ଆଉଟ୍‌ଫିଟ୍‌ଠାରୁ ଭଲ ଅପ୍ସନ ଆଉ କ'ଣ ହୋଇପାରେ। ଆଜିକାଲି ତ ଶର୍ଟ୍ସ ଉପରେ ଶାର୍ଟ ପିନ୍ଧିବାର ଟ୍ରେଣ୍ଡ ଖୁବ୍ ଚାଲିଛି। ଖାସ୍‌କରି ଡେନିମ୍ ଶର୍ଟ୍ସ ସାଙ୍ଗକୁ କଟନ୍ ଶାର୍ଟ ଖୁବ୍ ସୁନ୍ଦର ମାନିଥାଏ। କିନ୍ତୁ ଯଦି ବର୍ଷାରେ କୁଆଡ଼େ ବୁଲି ଯାଉଥାନ୍ତି ତା'ହେଲେ ଡେନିମ୍‌କୁ ଛାଡ଼ି କଟନ୍ ହେଉ ଅଥବା ଅନ୍ୟ ଯେ କୌଣସି ଫାବ୍ରିକ୍‌ର ଶର୍ଟ୍ସ ଓ ତା'ସାଙ୍ଗକୁ ମ୍ୟାଚିଂ ଶାର୍ଟ ପିନ୍ଧି ଷ୍ଟାଇଲିଶ୍ ଲୁକ୍ ପାଇପାରିବେ।



*** ଫ୍ଲୋରାଲ୍ ପ୍ରିଣ୍ଟ ୱାନ୍ ପିସ୍:** ଫ୍ଲୋରାଲ୍ ପ୍ରିଣ୍ଟ ଆଉଟ୍‌ଫିଟ୍ ଯୁବତୀଙ୍କୁ ରିଫ୍ରେସିଙ୍ଗ୍ ଲୁକ୍ ଦେଇଥାଏ। ଯେ କୌଣସି ଋତୁ ହେଉ ଅଥବା ଯେ କୌଣସି ଅକେଜନ୍ ହେଉନା କାହିଁକି ଫ୍ଲୋରାଲ୍ ପ୍ରିଣ୍ଟ୍ ଆଉଟ୍‌ଫିଟ୍ ଯୁବତୀଙ୍କୁ ଖୁବ୍ ସୁନ୍ଦର ମାନିଥାଏ। ବିଶେଷକରି ପାର୍ଟି ପାଇଁ କୌଣସି ବିଶେଷ ସ୍ଥାନକୁ ଯିବାର ଥିଲେ ହାଲ୍‌କା ହଳଦିଆ ରଙ୍ଗ କିମ୍ବା ନାଲି, ଗୋଲାପୀ ଅଥବା ପିଚ୍, ଲେମନ୍ କଲର୍‌ର ଫ୍ଲୋରାଲ୍ ପ୍ରିଣ୍ଟ ହୋଇଥିବା ୱାନ୍ ପିସ୍ ଆଉଟ୍‌ଫିଟ୍ ପିନ୍ଧି ଯୁବତୀମାନେ ଆକର୍ଷଣୀୟ ପାର୍ଟି ଲୁକ୍ ପାଇପାରିବେ।



*** ମିଡି ଡ୍ରେସ୍:** ଯଦି ଆପଣ ୱାନ୍ ପିସ୍ ପରିବର୍ତ୍ତେ ଅନ୍ୟ କୌଣସି ଆଉଟ୍‌ଫିଟ୍ ଟ୍ରାଏ କରିବାକୁ ଚାହୁଁଥାନ୍ତି; ତା'ହେଲେ ମିଡି ଡ୍ରେସ୍ ଆପଣଙ୍କ ପାଇଁ ଏକ ଭଲ ଅପ୍ସନ୍ ହୋଇପାରେ। ଖାସ୍‌କରି ଫ୍ରକ୍ ଷ୍ଟାଇଲ୍‌ର ମିଡି ଡ୍ରେସ୍‌କୁ ପିନ୍ଧିବା ଯୁବତୀଙ୍କ ପକ୍ଷେ କମ୍ଫଟେବଲ୍ ଲାଗିବା ସହ ସେମାନଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ।





## ତ୍ୱଚା ପାଇଁ ଉପକାରୀ ଲୋଟସ୍ ପାଉଡର୍

ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ଲୋଟସ୍ ପାଉଡର୍ ତ୍ୱଚା ପାଇଁ ଖୁବ୍ ଉପକାରୀ। ଏହି ପାଉଡର୍‌ରେ ମଏଶ୍ଚରାଇଜିଂ ଓ କଣ୍ଡିସନିଂ ଗୁଣ ଥାଏ। ଫଳରେ ଏହାକୁ ଲଗାଇଲେ ତ୍ୱଚା କୋମଳ ରହେ। ତେବେ ଏହାକୁ ଠିକ୍ ତରିକାରେ ଲଗାଇବାର ଯଥେଷ୍ଟ ଆବଶ୍ୟକତା ଅଛି। ଲୋଟସ୍ ପାଉଡର୍‌ରେ ଅଳ୍ପ ବୁନ୍ଦା ଗୋଲାପ ଜଳ ମିଶାନ୍ତୁ। ତାହାକୁ ମୁହଁରେ ଲଗାଇ ୧୫ ମିନିଟ୍ ରଖନ୍ତୁ। ଏହା ପରେ ମୁହଁ ଧୋଇ ଦିଅନ୍ତୁ। ଏହା ଦ୍ୱାରା ତ୍ୱଚା ସୁସ୍ଥ ରହେ। ଭିଟାମିନ୍ ବି, ଆଇରନ ଓ ପ୍ରୋଟିନ୍‌ରେ ଭରପୂର ଏହି ପାଉଡର ତ୍ୱଚାର ଟେକ୍ସଚର୍‌ରେ ସୁଧାର ଆଣିଥାଏ। ତ୍ୱଚାର ନାଲିପଣ ଓ ପୋଡ଼ାଜଳା ସମସ୍ୟାକୁ ଦୂର କରିଥାଏ ଏହି ପାଉଡର୍। ଏହା ସହ ତ୍ୱଚା ଉଜ୍ଜ୍ୱଳ ମଧ୍ୟ ଦିଶେ।

# ବାଦଲଫଟା ବର୍ଷା



ବନ୍ୟା ବାତ୍ୟା ଭଳି ବାଦଲ ଫାଟିବା ଏକ ପ୍ରାକୃତିକ ବିପ୍ଳାତ। ଏହା ବିଶେଷକରି ସମୁଦ୍ର ପତ୍ତନଠାରୁ ଯଥେଷ୍ଟ ଉଚ୍ଚରେ ଥିବା ପାର୍ବତ୍ୟାଞ୍ଚଳରେ ସଂଘଟିତ ହୋଇଥାଏ। ଏହି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅଚାନକ ବନ୍ୟା ଆସେ ଏବଂ ଘରଦ୍ୱାର ପାଣିରେ ଭସେଇ ନିଏ, ଯାହା ଧନଜୀବନ ହାନିର କାରଣ ସାଜିଥାଏ। ଏଥିରେ ସାରା ବିଶ୍ୱରେ ପ୍ରତି ବର୍ଷ ବହୁ ଧନଜୀବନ ହାନି ଘଟିଥାଏ। ଚଳିତ ବର୍ଷ ଅଗଷ୍ଟ ୧୪ରେ ଜମ୍ମୁ-କଶ୍ମୀରର ମଚେଲ ମାତା ମନ୍ଦିରକୁ ଯିବା ମାର୍ଗରେ କିସ୍ତୱାଡା ଜିଲ୍ଲାର ସମୁଦ୍ର ପତ୍ତନରୁ ୯୫୦୦ ଫୁଟ ଊର୍ଦ୍ଧ୍ୱରେ ଥିବା ଚାସୋଟି ଗ୍ରାମ ନିକଟରେ ବାଦଲ ଫାଟିବା କାରଣରୁ ୪୬ ଜଣ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା ଏବଂ ଶତାଧିକ ବ୍ୟକ୍ତି ଆହତ ହୋଇଥିଲେ। ୨୦୨୪ ଜୁଲାଇ ୩୧ ତାରିଖ ଏବଂ ଚଳିତ ବର୍ଷ ଅଗଷ୍ଟ ୫ ତାରିଖରେ ଉତ୍ତରାଖଣ୍ଡ ରାଜ୍ୟର ହିମାଳୟ ପାର୍ବତ୍ୟାଞ୍ଚଳରେ ବାଦଲ ଫାଟିବା କାରଣରୁ ଅଚାନକ ବନ୍ୟା ଆସି ଧନଜୀବନର ବ୍ୟାପକ କ୍ଷତି ଘଟିଥିଲା। ସେହିପରି ଗତ ୨୦୨୨ ମସିହା ଜୁଲାଇ ୮ ତାରିଖ ଦିନ ଜମ୍ମୁ-କଶ୍ମୀରର ପବିତ୍ର ଅମରନାଥ ଗୁମ୍ଫା ରାସ୍ତାର ପହଲଗାମ୍ ନିକଟରେ ବାଦଲ ଫାଟିବା କାରଣରୁ ଅଚାନକ ବନ୍ୟା ଆସି ୧୫ ଜଣଙ୍କ ମୃତ୍ୟୁ ଘଟିବା ସାଙ୍ଗକୁ ବହୁ ଲୋକ ଆହତ ହୋଇଥିଲେ।

କୌଣସି ୨୦ ରୁ ୩୦ ବର୍ଗ କି.ମି. ପରିମିତ ସୀମିତ ଅଞ୍ଚଳ ମଧ୍ୟରେ ଏକ ଘଣ୍ଟା କିମ୍ବା ତା'ଠାରୁ କମ୍ ସମୟ ମଧ୍ୟରେ ୧୦୦ ମି.ମି.ରୁ ଅଧିକ ବୃଷ୍ଟିପାତ ହେଲେ ତାହାକୁ 'ବାଦଲ ଫାଟିବା' ଘଟଣା କହନ୍ତି। ପୂର୍ବେ ବିଶ୍ୱାସ କରାଯାଉଥିଲା ଯେ, ଆକାଶର ବାଦଲ ଏକ ଜଳ ପୂର୍ଣ୍ଣ ବେଲୁନ ସଦୃଶ ଏବଂ ଏହା ଫାଟିଗଲେ ଏଥିରେ ଥିବା ସମସ୍ତ ଜଳରାଶି ବର୍ଷା ଆକାରରେ ଅଚାନକ ତଳକୁ ଖସିପଡ଼େ। ସେଥିପାଇଁ ଏହାକୁ ପୂର୍ବେ ବାଦଲ ଫାଟିବା ବୋଲି କୁହାଯାଉଥିଲା। ମାତ୍ର ଏହି ଧାରଣା ଠିକ୍ ନୁହେଁ। ସ୍ୱଳ୍ପ ସମୟ ମଧ୍ୟରେ ଅତି ସୀମିତ ସ୍ଥାନରେ ଅଚାନକ ଅତ୍ୟଧିକ ବର୍ଷା ହୋଇଗଲେ ଏହାକୁ 'ବାଦଲ ଫାଟିବା' ଘଟଣା କୁହାଯାଏ। ତଥାପି ପୂର୍ବର ଏହି ନାମକରଣ ଏବେବି



ରହିଯାଇଛି। ପୂର୍ବର ଏହି ଅଜବ ନାମକରଣ ଏବେ ମଧ୍ୟ ପ୍ରଚଳିତ ହେଉଛି।

ଏବେ ଆସନ୍ତୁ, ବାଦଲ ଫାଟିବାର କାରଣ ଜାଣିବା। ଯେତେବେଳେ ଜଳୀୟବାଷ୍ପ ଭରା ମୌସୁମୀ ବାୟୁ କୌଣସି ଉଚ୍ଚ ପର୍ବତରେ ବାଧା ପାଇ ଏହାର ତୀଖ ପୃଷ୍ଠ ଦେଇ ଉପରକୁ ଉଠିବା ପାଇଁ ବାଧ୍ୟ ହୁଏ, ଏହା ଅଚାନକ ପ୍ରସାରିତ ହୋଇ ଶୀତଳତା ସୃଷ୍ଟିକରେ। ଏଥିରେ ଥିବା ସମସ୍ତ ଜଳୀୟବାଷ୍ପ ଘନୀଭୂତ ହୋଇ ଜଳକଣାରେ ପରିଣତ ହୁଏ। ମାତ୍ର ଏହି ଜଳକଣା ଊର୍ଦ୍ଧ୍ୱକୁ ଉଠୁଥିବା ବାୟୁସ୍ରୋତର ସଂଘାତରେ ତଳେ ଖସି ନ ପଡ଼ି ଆକାଶରେ ବିପୁଳ ଜଳକଣା ଭରା ଏକ ବିଶାଳ ପିଣ୍ଡ ରୂପରେ ଜମା ହୋଇ ରହେ। ଜଳୀୟବାଷ୍ପ ଭରା ଏହି ବିଶାଳ ପିଣ୍ଡ କିନ୍ତୁ ବାସ୍ତବରେ ଅତ୍ୟନ୍ତ ଅସ୍ଥିର ଓ ଅସ୍ଥାୟୀ ଅଟେ। ସମୟକ୍ରମେ, ଊର୍ଦ୍ଧ୍ୱକୁ ଉଠୁଥିବା ବାୟୁସ୍ରୋତ ଦୁର୍ବଳ ହୋଇଗଲେ, ଏହି ପିଣ୍ଡର ସମସ୍ତ ଜଳକଣା ଏକାବେଳକେ ତଳକୁ ଖସି ପଡ଼ିଥାଏ। ଏହାକୁ 'ବାଦଲ ଫାଟିବା' ଘଟଣା କୁହାଯାଏ। ଏହା ଅଚାନକ ବନ୍ୟା ସୃଷ୍ଟି କରେ। ଆମ ଭାରତରେ ବିଶେଷ କରି ହିମାଳୟ ଅଞ୍ଚଳରେ ବାଦଲ ଫାଟିବା ଏକ ସାଧାରଣ ଘଟଣା।

କିଛି ବାଦଲ ଫାଟିବା ଘଟଣା ମଧ୍ୟ ସମତଳ ଭୂମିରେ ଲକ୍ଷ୍ୟ କରାଯାଏ। ୧୯୦୮ ମସିହା ସେପ୍ଟେମ୍ବର ୨୮ ତାରିଖରେ ବାଦଲ ଫାଟିବା ଯୋଗୁଁ ତେଲଙ୍ଗନା ରାଜ୍ୟର ମୁସି ନଦୀରେ ଅଚାନକ ଜଳସ୍ତର ୩ ରୁ ୪ ମିଟର ବୃଦ୍ଧି ପାଇଥିଲା। ଏହାଦ୍ୱାରା ପ୍ରବଳ ବନ୍ୟା ଆସି ନଦୀ କୂଳରେ ଥିବା ୧୫,୦୦୦ ଲୋକଙ୍କ ମୃତ୍ୟୁ ଘଟିବା ସାଙ୍ଗକୁ ସମୁଦାୟ ୮୦,୦୦୦ ଘର ଭାସିଯାଇଥିଲା। ୧୯୭୦ ମସିହା ଜୁଲାଇ ୨୦ ତାରିଖରେ ଅଲକାନନ୍ଦା ନଦୀର ଉପରମୁଣ୍ଡ ଜଳଗ୍ରହଣ କ୍ଷେତ୍ରରେ ବାଦଲ ଫାଟିବା ଦ୍ୱାରା ଅଚାନକ ବନ୍ୟା ଆସି ୧୩ଟି ସେତୁ, ୩୦ଟି ତୀର୍ଥଯାତ୍ରୀ ବସ୍ ? ସମେତ ଏକ ବସ୍ତି ସମ୍ପୂର୍ଣ୍ଣ ଭାସିଯାଇଥିଲା। ୧୯୯୭ ମସିହା ଅଗଷ୍ଟ ୧୫ ତାରିଖରେ ହିମାଚଳ ପ୍ରଦେଶର ସିମଲା ଜିଲାର ଚିଦଗାଓଁଠାରେ ବାଦଲ ଫାଟିବା କାରଣରୁ ୧୧୫ ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲା। ୧୯୯୮ ମସିହା ଅଗଷ୍ଟ ୧୭ ତାରିଖରେ ଉତ୍ତରାଖଣ୍ଡର ପିଥୋରାଗଡ଼ ଜିଲାରେ ବାଦଲ ଫାଟିବା ଯୋଗୁଁ ଭୂସ୍ଖଳନ ଘଟି ବହୁ କୈଳାଶ-ମାନସରୋବର ତୀର୍ଥଯାତ୍ରୀଙ୍କ ସମେତ ସମୁଦାୟ ୨୫୦ ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲା। ୨୦୦୩ ଜୁଲାଇ ୧୬ ତାରିଖରେ ହିମାଚଳ ପ୍ରଦେଶର ଶିଲାଗଡ଼ଠାରେ ବାଦଲ ଫାଟିବାରୁ ଅଚାନକ ବନ୍ୟା ଆସି ୪୦ ଜଣ ଲୋକଙ୍କ ପ୍ରାଣହାନି ଘଟିଥିଲା। ୨୦୦୫ ମସିହା ଜୁଲାଇ ୨୬ ତାରିଖରେ ବାଦଲ ଫାଟିବା ଯୋଗୁ ବାଣିଜ୍ୟ ନଗରୀ ମୁମ୍ବାଇରେ ୮ ଘଣ୍ଟା ସମୟ ମଧ୍ୟରେ ୯୫୦ ମି.ମି. ବୃଷ୍ଟିପାତ ହୋଇଥିଲା, ଯାହାଦ୍ୱାରା ୧୦୦୦ରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିଲେ। ୨୦୦୯ ମସିହା ଅଗଷ୍ଟ ୭ ତାରିଖରେ ଉତ୍ତରାଖଣ୍ଡ ରାଜ୍ୟର ପିଥୋରାଗଡ଼ ଜିଲାର ମୁନସ୍ୟାରି ଗାଁ ନିକଟରେ ବାଦଲ ଫାଟିବା ଫଳରେ ଭୂସ୍ଖଳନ ଘଟି ୩୮ ଜଣ ଲୋକ ପ୍ରାଣ ହରାଇଥିଲେ। ୨୦୧୦ ମସିହା ସେପ୍ଟେମ୍ବର ମାସରେ ଉତ୍ତରାଖଣ୍ଡ ରାଜ୍ୟର ଆଲମୋଡ଼ାଠାରେ ବାଦଲ ଫାଟିବା ଯୋଗୁ ବନ୍ୟା ଆସି ଦୁଇଟି ଗାଁ ସମ୍ପୂର୍ଣ୍ଣ ବୁଡ଼ିଯାଇଥିଲା ଏବଂ ଅଧିକାଂଶ ଗ୍ରାମବାସୀଙ୍କ ମୃତ୍ୟୁ ଘଟିଥିଲା। ସେହି ୨୦୧୦ ମସିହା ଅଗଷ୍ଟ ୬ ତାରିଖରେ ଲଦାଖ କ୍ଷେତ୍ରର ସୀମନ୍ତ ସହର ଲେହଠାରେ ବାଦଲ ଫାଟିବାରୁ ୧୭୯ ଜଣ ଲୋକଙ୍କ ପ୍ରାଣହାନି ଘଟିଥିଲା। ୨୦୧୩ ମସିହା ଜୁନ୍ ? ମାସରେ ଉତ୍ତରାଖଣ୍ଡ ରାଜ୍ୟର କେଦାରନାଥଠାରେ ବାଦଲ ଫାଟିବାରୁ ୫୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ୨୦୧୮ ମସିହା ମେ ମାସରେ ସେହି ଉତ୍ତରାଖଣ୍ଡ ରାଜ୍ୟର ଚମୋଲୀ ଜିଲାରେ ବାଦଲ ଫାଟିବା ଦ୍ୱାରା ଅନେକ ଯାନବାହନ ଆବର୍ଜନା ଓ କାଦୁଅରେ ପୋତି ହୋଇପଡ଼ିଥିଲା। ୨୦୨୧ ମସିହା ଜୁଲାଇ ୨୧ ତାରିଖରେ ଜମ୍ମୁ-କଶ୍ମୀରର କିସ୍ତୱାଡା ଜିଲାର ଦଛନ ଅଞ୍ଚଳରେ ବାଦଲ ଫାଟିବାରୁ ୨୬ ଜଣ ଲୋକଙ୍କ ମୃତ୍ୟୁ



ଘଟିଥିଲା।

ବିଶ୍ୱର ସବୁଠାରୁ ପ୍ରଳୟଙ୍କରୀ ବାଦଲଫଟା ଘଟଣା ୧୯୭୨ ନଭେମ୍ବର ୨୬ ତାରିଖରେ ଆଟ୍‌ଲାଣ୍ଟିକ ମହାସାଗରର କାରିବିଆନ ସାଗର ମଧ୍ୟରେ ଅବସ୍ଥିତ ଫ୍ରାନ୍ସ ଶାସିତ ଏକ ଦ୍ୱୀପପୁଞ୍ଜ ଗୁଆଡେଲୁପର ବାସେ-ଟେରେ ଦ୍ୱୀପରେ ଦେଖିବାକୁ ମିଳିଥିଲା, ଯେଉଁଥିରେ ମାତ୍ର ୧ ମିନିଟ ସମୟ ମଧ୍ୟରେ ୩୮.୧୦ ମି.ମି. ପରିମାଣର ବୃଷ୍ଟିପାତ ରେକର୍ଡ କରାଯାଇଥିଲା। ତେବେ ପ୍ରଶ୍ନ ଉଠେ ଯେ, ଆମର ହିମାଳୟ ଅଞ୍ଚଳ ଏତେ ବାଦଲଫଟା ପ୍ରବଣ କାହିଁକି? ପ୍ରକୃତରେ ହିମାଳୟ ପର୍ବତମାଳାରେ ସମୁଦ୍ର ପତ୍ତନଠାରୁ ବହୁ ଊର୍ଦ୍ଧ୍ୱରେ ଅବସ୍ଥିତ। କିଛି ଅଞ୍ଚଳ ଯଥା ବଦ୍ରିନାଥ, କେଦାରନାଥଠାରେ ଅଧିକାଂଶ ବାଦଲ ଫାଟିବା ଘଟଣା ଦେଖିବାକୁ ମିଳିଥାଏ। ବଦ୍ରିନାଥ ଓ କେଦାରନାଥର ସମୁଦ୍ର ପତ୍ତନଠାରୁ ଉଚ୍ଚତା ଯଥାକ୍ରମେ ୩୩୦୦ ଓ ୩୫୮୩ ମିଟର। ଏଠାକାର ଉତ୍ତୁଙ୍ଗ ପର୍ବତମାଳାରେ ବାଧାପାଇ ଜଳୀୟବାଷ୍ପ ଭରା ମୌସୁମୀବାୟୁ ଆକାଶରେ ବିପୁଳ ମାତ୍ରାରେ ଜମା ହେବାକୁ ଲାଗେ ଏବଂ ବାଦଲ ଫାଟିବା ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରେ।

ବାଦଲଫଟା ଓ ପ୍ରବଳ ବର୍ଷା ମଧ୍ୟରେ ସାମାନ୍ୟ ପାର୍ଥକ୍ୟ ରହିଛି। କୌଣସି ସ୍ଥାନରେ ବୃଷ୍ଟିପାତ ପରିମାଣକୁ ସାଧାରଣତଃ ମିଲିମିଟର (ମି.ମି.) ଏକକରେ ପ୍ରକାଶ କରାଯାଏ। ଏହି ଏକକରେ, ବୃଷ୍ଟିପାତ ସମୟରେ ୧ ବର୍ଗ ମିଟର ଅଞ୍ଚଳ ଉପରେ ୧ ଲିଟର ବର୍ଷାଜଳ ସଂଗୃହୀତ ହେଲେ ତାହାକୁ ୧ ମି.ମି. ବୃଷ୍ଟିପାତ ବୋଲି ଧରାଯାଏ। ଘଣ୍ଟାକୁ ବୃଷ୍ଟିପାତ ପରିମାଣ ୨.୫ ମି.ମି. କିମ୍ବା ତା'ଠାରୁ କମ୍ ହେଲେ ତାହାକୁ ସ୍ୱଳ୍ପ ବର୍ଷା, ୨.୫ ମି.ମି. ରୁ ୧୦ ମି.ମି. ମଧ୍ୟରେ ସୀମିତ ରହିଲେ ମଧ୍ୟମ ବର୍ଷା, ୧୦ ମି.ମି.ରୁ ୫୦ ମି.ମି. ମଧ୍ୟରେ ରହିଲେ ଭାରି ବର୍ଷା ଏବଂ ୫୦ ମି.ମି.ରୁ ଅଧିକ ହେଲେ ପ୍ରବଳ ବର୍ଷା ବୋଲି କୁହାଯାଏ। ମାତ୍ର କୌଣସି ସ୍ଥାନରେ ଏକ ଘଣ୍ଟା ସମୟ ମଧ୍ୟରେ ୧୦୦ ମି.ମି. କିମ୍ବା ତା'ଠାରୁ ଅଧିକ ପରିମାଣର ବର୍ଷା ହୋଇଗଲେ ତାହାକୁ ପାଣିପାଗ ବିଜ୍ଞାନର ପରିଭାଷା ଅନୁଯାୟୀ 'ବାଦଲ ଫାଟିବା' ବୋଲି କୁହାଯିବ। ଅର୍ଥାତ କୌଣସି ସ୍ଥାନରେ ବୃଷ୍ଟିପାତକୁ 'ବାଦଲ ଫାଟିବା' କୁହାଯିବା ପାଇଁ ହେଲେ ପ୍ରବଳ ବର୍ଷା ପରିସ୍ଥିତି ସମୟରେ ହେଉଥିବା ବୃଷ୍ଟିପାତ ପରିମାଣର ଦ୍ୱିଗୁଣ କିମ୍ବା ତା'ଠାରୁ ଅଧିକ ବର୍ଷା ହେଉଥିବା ଆବଶ୍ୟକ। ଏଭଳି ଅଚାନକ ଓ ପ୍ରବଳ ବୃଷ୍ଟିପାତ କାରଣରୁ କୌଣସି ସୀମିତ ଓ ଆବଦ୍ଧ ସ୍ଥାନରେ ଜଳର ନିଷ୍କାସନ ଘଟି ନ ପାରି ବନ୍ୟା ଆସିବା ସ୍ୱାଭାବିକ।

ଏବେ ବିଶ୍ୱରେ ବାଦଲ ଫାଟିବା ଘଟଣାର ପ୍ରବଳତା ତଥା ବାରମ୍ବାରତା ବୃଦ୍ଧି ପାଉଥିବାର ପରିଲକ୍ଷିତ ହେଉଛି। ପ୍ରକୃତିର ଏହି ବିଗିଡା ମିଜାଜକୁ ମନୁଷ୍ୟକୃତ କାର୍ଯ୍ୟକଳାପ ଦ୍ୱାରା ସୃଷ୍ଟ ବିଶ୍ୱ ତାପନ ପ୍ରକ୍ରିୟା ସହିତ ସଂଶ୍ଳିଷ୍ଟ କରାଯାଉଛି। ବାୟୁମଣ୍ଡଳ ଓ ସମୁଦ୍ରପୃଷ୍ଠର ତାପମାତ୍ରା ବୃଦ୍ଧି ଯୋଗୁ ଜଳର ବାଷ୍ପିଭବନ ପ୍ରକ୍ରିୟା ତ୍ୱରାନ୍ୱିତ ହେଉଛି ଏବଂ ବାୟୁମଣ୍ଡଳରେ ଅଧିକ ଜଳୀୟବାଷ୍ପ ଜମାହୋଇ ବାଦଲ ଫାଟିବା ଘଟଣାର କାରଣ ହେଉଛି।

ପାଣିପାଗ ବିଜ୍ଞାନର ଏବେକାର ଜ୍ଞାନକୌଶଳରେ ବନ୍ୟା, ବାତ୍ୟା ଭଳି ବାଦଲ ଫାଟିବା ଘଟଣାର ପୂର୍ବାନୁମାନ କରାଯାଇପାରିବ ନାହିଁ ଏବଂ ଏଥି ନିମନ୍ତେ କୌଣସି ଆଗୁଆ ସୂଚନା ଜାରି କରିବା ସମ୍ଭବ ନୁହେଁ। କେବଳ ବାଦଲ ଫାଟିବା ପ୍ରବଣ ସ୍ଥାନଠାରୁ ଦୂରେଇ ରହିବା ଏବଂ ବ୍ୟକ୍ତିଗତ ସତର୍କତା ଅବଲମ୍ବନ ହିଁ ଏକମାତ୍ର ପ୍ରତିକାର ବ୍ୟବସ୍ଥା। ସରକାରଙ୍କ ତରଫରୁ ବାଦଲଫଟା ପ୍ରବଣ ସ୍ଥାନଗୁଡିକରେ ଉପଯୁକ୍ତ ଜଳ ନିଷ୍କାସନର ବ୍ୟବସ୍ଥା କରାଗଲେ ଏହି ବିପର୍ଯ୍ୟୟର ତୀବ୍ରତା ଓ ପ୍ରକୋପତାକୁ ପ୍ରଶମନ କରାଯାଇ ପାରିବ।

# ଓରାଙ୍ଗ ନ୍ୟାସନାଲ ପାର୍କ

**ମୁଖ୍ୟତଃ ଭାରତୀୟ ଗଣ୍ଡାମାନଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ହାସଲ କରିଥିବା ଓରାଙ୍ଗ ନ୍ୟାସନାଲ ପାର୍କରେ ପର୍ଯ୍ୟଟକ ଅନ୍ୟାନ୍ୟ ବନ୍ୟପ୍ରାଣୀ ତଥା ଶତାଧିକ ପ୍ରଜାତିର ପକ୍ଷୀଙ୍କୁ ଦେଖିବା ସହ ଫଟୋଗ୍ରାଫି ଓ ହାତୀ ପିଠିରେ ବସି ବୁଲିବାର ମଜା ମଧ୍ୟ ନେଇପାରିବେ...**





ଆସାମର ଦରରାଙ୍ଗ ଓ ସୋନିତପୁର ଜିଲ୍ଲାର ପରିସୀମାକୁ ଲାଗି ରହିଥିବା ଓରାଙ୍ଗ ନ୍ୟାସନାଲ ପାର୍କ ହେଉଛି ସ୍ଥାନୀୟ ଅଞ୍ଚଳର ଏକ ଲୋକପ୍ରିୟ ବନ୍ୟପ୍ରାଣୀ ଅଭୟାରଣ୍ୟ। ପ୍ରାୟ ୭୯.୨୮ ବର୍ଗ କି.ମି. ପର୍ଯ୍ୟନ୍ତ ପରିବ୍ୟାପ୍ତ ଉକ୍ତ ଅଭୟାରଣ୍ୟରେ ମୁଖ୍ୟତଃ ଭାରତୀୟ ଗଣ୍ଡାମାନଙ୍କୁ ଦେଖିବାକୁ ମିଳିଥାଏ। କେବଳ ଗଣ୍ଡା କାହିଁକି ଏଠାରେ ପର୍ଯ୍ୟଟକ ହାତୀ, ବାଘ ସମେତ ଆହୁରି ଅନେକ ବିରଳ ପଶୁପକ୍ଷୀଙ୍କୁ ମଧ୍ୟ ଦେଖିବାର ସୁଯୋଗ ପାଇପାରିବେ।

## ଇତିହାସ

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ୧୯୦୦ ମସିହା ପର୍ଯ୍ୟନ୍ତ ଏହି ଅଞ୍ଚଳରେ କିଛି ଆଦିବାସୀ ଜନଜାତିର ଲୋକେ ବସବାସ କରୁଥିଲେ। କିନ୍ତୁ ହଠାତ୍ ସେଠାରେ କୌଣସି ମହାମାରୀ ଦେଖାଯିବାରୁ ସେମାନେ ଏହି ସ୍ଥାନଟିକୁ ଛାଡ଼ି ଅନ୍ୟତ୍ର ଚାଲିଗଲେ। ପରେ ୧୯୧୯ ମସିହା ବେଳକୁ ବ୍ରିଟିଶ କଲୋନିଆଲ୍ ଅଥୋରିଟିମାନେ ଏହି ସ୍ଥାନଟିକୁ ନିଜ ଅକ୍ତିଆରକୁ ନେଇ ଏହାକୁ ଓରାଙ୍ଗ ଗେମ୍ ରିଜର୍ଭ ଭାବେ ନାମିତ କଲେ। ହେଲେ ଏହି ଗେମ୍ ରିଜର୍ଭଟି ଷ୍ଟେଟ୍ ଫରେଷ୍ଟ ଡିପାର୍ଟମେଣ୍ଟର ୱାଇଲ୍ଡ ଲାଇଫ୍ ୱିଙ୍ଗ୍‌ର କଣ୍ଟ୍ରୋଲ୍‌ରେ ଆସୁଥିବାରୁ ଏଠାରେ ପରବର୍ତ୍ତୀ ସମୟରେ ପ୍ରୋଜେକ୍ଟ ଟାଇଗର୍ ଉପରେ କାମ କରାଗଲା ଏବଂ ୧୯୮୫ ମସିହା ବେଳକୁ ଏହାକୁ ଏକ ବନ୍ୟପ୍ରାଣୀ ସଂରକ୍ଷଣର ମାନ୍ୟତା ମିଳିଲା। କିନ୍ତୁ ପରେ ୧୯୯୯ ମସିହାରେ ଏହାକୁ ନ୍ୟାସନାଲ୍ ପାର୍କର ମାନ୍ୟତା ଦିଆଗଲା।

## କ'ଣ ଦେଖିବେ


ଓରାଙ୍ଗ ନ୍ୟାସନାଲ ପାର୍କଟି ମୁଖ୍ୟତଃ ଭାରତୀୟ ଗଣ୍ଡାମାନଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ହାସଲ କରିଥିଲେ ହେଁ, ଏଠାରେ ଅନ୍ୟାନ୍ୟ ଜୀବଜନ୍ତୁଙ୍କୁ ମଧ୍ୟ ଦେଖିହୁଏ। ଯେମିତିକି ବାଘ, ହାତୀ, ଜଙ୍ଗଲୀ ଘୁଷୁରି, ହରିଣ, ଜଙ୍ଗଲୀ ମଇଁଷୀ, ବଜ୍ରକାପ୍ତା, ଚିତ୍ରା ବିଲେଇ, ଜଙ୍ଗଲୀ ବିଲେଇ, ବିଲୁଆ ଇତ୍ୟାଦି। ତା'ଛଡ଼ା ପ୍ରାୟ ଶତାଧିକ ପ୍ରଜାତିର ପକ୍ଷୀମାନଙ୍କ ପାଇଁ ଏହା ଏକ ସୁରକ୍ଷିତ ଆବାସସ୍ଥଳୀ କହିଲେ ମଧ୍ୟ ଭୁଲ୍ ହେବନାହିଁ। କାରଣ ଏହି ଅଭୟାରଣ୍ୟ ନିକଟରେ ବ୍ରହ୍ମପୁତ୍ର ନଦୀ ପ୍ରବାହିତ ହୋଇଥିବାରୁ ଏହା ପକ୍ଷୀମାନଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। ଶୀତଦିନେ ବି ଏଠାକୁ ବହୁ ଭ୍ରମଣକାରୀ ପକ୍ଷୀ ଆସୁଥିବାର ମଧ୍ୟ ଦେଖିବାକୁ ମିଳେ। ସେହିପରି ଏହି ଅଭୟାରଣ୍ୟ ଭିତରେ ବିଭିନ୍ନ ପ୍ରଜାତିର ସରୀସୃପଙ୍କୁ ଦେଖିବା ପାଇଁ ଏକ ସ୍ୱତନ୍ତ୍ର ଗ୍ୟାଲେରି ବି ତିଆରି କରାଯାଇଛି। ତା'ଛଡ଼ା ଉକ୍ତ ଅଭୟାରଣ୍ୟ ମଧ୍ୟରେ ଥିବା ବିଭିନ୍ନ ପ୍ରକାରର ବୃକ୍ଷଲତା ବି ଏଠାକାର ପରିବେଶକୁ ବେଶ୍ ମନୋରମ କରିଥାଏ। ତେଣୁ ସହରର ଜନଗହଳିପୂର୍ଣ୍ଣ ପରିବେଶରୁ କିଛିକ୍ଷଣ ପାଇଁ ବାହାରି ଆସି ଏଭଳି ଏକ ଶାନ୍ତ ବାତାବରଣରେ ସମୟ କଟାଇବାକୁ ପ୍ରାୟତଃ ପର୍ଯ୍ୟଟକଙ୍କର ଭିଡ଼ ଏଠାରେ ଲାଗିଥାଏ।

## କେବେ ଓ କେମିତି ଯିବେ

ବର୍ଷର ଯେ କୌଣସି ସମୟରେ ଏଠାକୁ ଯିବାର ସୁବିଧା ରହିଛି। ହେଲେ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ଅକ୍ଟୋବରରୁ ମେ' ହେଉଛି ଏଠାକୁ ଯିବା ପାଇଁ ଉପଯୁକ୍ତ ସମୟ। କାରଣ ଏହାପରେ ବର୍ଷାଦିନ ଆସିଯାଏ। ବର୍ଷାରେ ଗଲେ ଏଠାରେ ପଶୁପକ୍ଷୀଙ୍କୁ ନିକଟରୁ ଦେଖିବାରେ ସମସ୍ୟା ଉପୁଜିଥାଏ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି।

## ହାତୀ ପିଠିରେ ବସି ବୁଲିବେ

ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଓରାଙ୍ଗ ନ୍ୟାସନାଲ ପାର୍କରେ ହାତୀ ପିଠିରେ ବସି ବୁଲିବାର ବ୍ୟବସ୍ଥା ରହିଛି। ଜିପ୍ ସଫାରିର ବି ସୁବିଧା ଏଠାରେ ଉପଲବ୍ଧ ଅଛି। ଅବଶ୍ୟ ଏଥିପାଇଁ କିଛି ଶୁଳ୍କ ଦେବାକୁ ହୋଇଥାଏ। ତା'ଛଡ଼ା ଏଠାରେ ଫଟୋଗ୍ରାଫିର ମଜା ମଧ୍ୟ ନେଇହୁଏ।








# ଘର ସମ୍ମୁଖରେ ଅଶୋକ ଗଛ

ବାସ୍ତୁ ଅନୁସାରେ ଘର ସାମ୍ନାରେ ଅଶୋକ ଗଛ ଥିଲେ ଅଥବା ଲଗାଇବା ବହୁତ ଶୁଭ। କାରଣ ଏହି ଗଛ ସକରାତ୍ମକ ଉର୍ଜା ଆଣିଥାଏ। ଏଥିସହ ଏହି ଗଛ ସୁଖ, ସମୃଦ୍ଧି ଏବଂ ଖୁସିର ପ୍ରତୀକ। ତେବେ ଯଦି ଏହାର ଦିଗ ଠିକ୍ ଥାଏ ତେବେ ହିଁ ଏହାର ଲାଭ ମିଳିଥାଏ।

ବାସ୍ତୁ ଅନୁସାରେ ଅଶୋକ ଗଛକୁ ଘରର ଉତ୍ତର ଦିଗରେ ଲଗାଇବା ବେଶ ଶୁଭ ହୋଇଥାଏ। ଏହାକୁ ଲଗାଇଲେ ଘରେ ନକରାତ୍ମକ ଉର୍ଜା ବାସ କରିପାରି ନ ଥାଏ।

ଏହି ଦିଗରେ ଗଛ ରହିଲେ ମାନସିକ ଦୁଶ୍ଚିନ୍ତା ଦୂର ହେବାରେ ସହାୟକ ହୋଇଥାଏ। ଏହି ଗଛର ପତ୍ରକୁ ମାଙ୍ଗଳିକ କାର୍ଯ୍ୟରେ ପ୍ରୟୋଗ କରାଯାଇଥାଏ।



## ବିଶ୍ୱ ଚାମ୍ପିଅନ୍‌ଶିପ୍‌ରେ ଅନ୍ତିମ ପଙ୍ଘାଲ୍‌ଙ୍କୁ ବ୍ରୋଞ୍ଜ୍

# ବିନେଶଙ୍କ ପରେ ଡବଲ୍ ପଦକ ଜିତିବାରେ ଦ୍ୱିତୀୟ ଭାରତୀୟ

ନୂଆଦିଲ୍ଲୀ: ଭାରତୀୟ ମହିଳା ପହେଲମାନ ଅନ୍ତିମ ପଙ୍ଘାଲ୍ କ୍ରୋଏସିଆର ରାଜଧାନୀ ଜାଗ୍ରେଭ୍‌ରେ ଚାଲିଥିବା ବିଶ୍ୱ କୁସ୍ତି ଚାମ୍ପିଅନ୍‌ଶିପ୍‌ରେ ମହିଳା ୫୩ କେଜି ବର୍ଗରେ ଗୁରୁବାର ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ସେ ସ୍ୱିଡେନ୍‌ର ୨୩ ବର୍ଷରୁ କମ୍ ବିଶ୍ୱ ଚାମ୍ପିଅନ୍ ଏମ୍ମା ଜୋନ୍ନା ଡେନିସ୍ ମାଲମଗ୍ରେନ୍‌ଙ୍କୁ ୯-୧ରେ ହରାଇ ଦେଇଛନ୍ତି। ଏହା ଚଳିତ ଟୁର୍ଣ୍ଣାମେଣ୍ଟ୍‌ରେ ଭାରତର ପ୍ରଥମ ଏବଂ ଏକମାତ୍ର ପଦକ। ଅନ୍ୟପକ୍ଷରେ ବିଶ୍ୱ ଚାମ୍ପିଅନ୍‌ଶିପ୍‌ରେ ଅନ୍ତିମଙ୍କର ଏହା ଦ୍ୱିତୀୟ ପଦକ। ଏହା ପୂର୍ବରୁ ୨୦୨୩ରେ ମଧ୍ୟ ସେ ବ୍ରୋଞ୍ଜ୍ ପଦକ ଜିତିଥିଲେ। ତେବେ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍‌ର ପ୍ରଥମ ରାଉଣ୍ଡ୍‌ରେ ସେ ପରାଜିତ ହୋଇ ବାହାର ହୋଇଥିଲେ। ଚଳିତ ଥର ସେ କେବଳ ଚମତ୍କାର ପ୍ରଦର୍ଶନ କରି ପଦକ ଜିତିନାହାନ୍ତି, ବରଂ ଭାରତୀୟ କୁସ୍ତିରେ ନିଜର ମଜଭୁତ ସ୍ଥିତିକୁ ମଧ୍ୟ ସାବ୍ୟସ୍ତ କରିଛନ୍ତି। ଅନ୍ତିମ ବିଶ୍ୱ ଚାମ୍ପିଅନ୍‌ଶିପ୍‌ରେ ଏକରୁ ଅଧିକ ପଦକ



ଜିତିବାରେ ବିନେଶ ଫୋଗାଟ୍‌ଙ୍କ ପରେ ଦ୍ୱିତୀୟ ଭାରତୀୟ ମହିଳା ପହେଲମାନ ହୋଇଛନ୍ତି। ଅଲକା ତୋମର, ପୀତା ଫୋଗାଟ୍, ବବିତା ଫୋଗାଟ୍, ପୂଜା ଢଣ୍ଡା, ସରିତା ମୋର ଏବଂ ଅଂଶୁ ମଲିକ୍‌ଙ୍କ ପରି ଅନ୍ୟ ଭାରତୀୟ ମହିଳା ପହେଲମାନ ଗୋଟିଏ ଲେଖାଏଁ ବିଶ୍ୱ ଚାମ୍ପିଅନ୍‌ଶିପ୍ ପଦକ ଜିତିଛନ୍ତି।

ଏହି ଟୁର୍ଣ୍ଣାମେଣ୍ଟ୍‌ରେ ଭାରତୀୟ ଗ୍ରୀକୋ-ରୋମାନ୍ ପହେଲମାନଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ଗୁରୁବାର ରିଙ୍ଗ୍‌କୁ ଓହ୍ଲାଇଥିବା ଚାରି ପହେଲମାନ ନା ମ୍ୟାଚ୍ ଜିତିପାରିଛନ୍ତି ନା ପଏଣ୍ଟ୍ ହାସଲ କରିଛନ୍ତି। ୫୫ କେଜି ବର୍ଗରେ ଅନୀଲ୍ ମୋରଙ୍କୁ ବିଶ୍ୱ ନମ୍ବର ଏକ ଆଜରବୈଜାନ୍‌ର ଏଲ୍ମାନିଜ୍ ଅଜିଜଲି କେବଳ ୧୩ ସେକେଣ୍ଡ୍‌ରେ ବୈଷୟିକ ଶ୍ରେଷ୍ଠତାରେ ହରାଇ ଦେଇଛନ୍ତି। ସେହିପରି ୭୭ କେଜି ବର୍ଗରେ ଅମନ ଜାପାନର ନାଓ କୁସାକାଙ୍କଠାରୁ ବୈଷୟିକ ଶ୍ରେଷ୍ଠତା ଆଧାରରେ ପରାଜିତ ହୋଇଛନ୍ତି। ତେବେ କୁସାକା ଫାଇନାଲ୍‌ରେ ପ୍ରବେଶ କରିବା ପରେ ଅମନ୍‌ଙ୍କୁ ରେପେଚେଜ୍‌ର ସୁଯୋଗ ମିଳିଥିଲା। କିନ୍ତୁ ସେଠାରେ ମଧ୍ୟ ସେ ୟୁକ୍ରେନ୍‌ର ଇହୋର ବାୟଚକୋଭ୍‌ଙ୍କଠାରୁ ହାରି ବାଦ୍ ପଡ଼ିଥିଲେ।

## ପାରା-ଫେନ୍‌ସିଂ ବିଶ୍ୱକପରେ ଭାରତୀୟ ଟିମ୍‌କୁ ଐତିହାସିକ ବ୍ରୋଞ୍ଜ୍

ନୂଆଦିଲ୍ଲୀ:ଇଣ୍ଡୋନେସିଆର ସୋଲୋରେ ଚଳିତ ମାସ ୧୫ରୁ ୧୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ପାରା-ଫେନ୍‌ସିଂ ବିଶ୍ୱକପ୍‌ରେ ଭାରତୀୟ ଫଏଲ୍ ପୁରୁଷ ଟିମ୍ ଐତିହାସିକ ବ୍ରୋଞ୍ଜ୍ ପଦକ ଜିତିଛି। ରାଖିଲ୍ କୁମାର ସେଠୀ, ଭେଙ୍କଟେଶ୍ୱର ରମେଶ ରାଓ ଏବଂ ଓମ୍ ପ୍ରକାଶ ବେହେରାଙ୍କ ଭାରତୀୟ ଟିମ୍ ତୃତୀୟ ସ୍ଥାନର ମ୍ୟାଚ୍‌ରେ ଜର୍ମାନୀକୁ ୨୦-୧୮ରେ ହରାଇ ଏହି ଉପଲବ୍ଧି ହାସଲ କରିଛି। ପାରା-ଫେନ୍‌ସିଂ ବିଶ୍ୱକପ୍‌ରେ ଏହା ଭାରତର ପ୍ରଥମ ଟିମ୍ ପଦକ। ଏହା ପୂର୍ବରୁ ଭାରତ କ୍ୱାର୍ଟର୍ ଫାଇନାଲ୍‌ରେ ଇରାକ୍‌କୁ ୨୦-୧୬ରେ ହରାଇଥିଲା। ତେବେ ସେମିଫାଇନାଲ୍‌ରେ ଥାଇଲାଣ୍ଡଠାରୁ ୨୦-୬ରେ ହାରି ବ୍ରୋଞ୍ଜ୍ ପଦକ ମ୍ୟାଚ୍ ଖେଳିଥିଲା।

# ବିସିସିଆଇ ସଭାପତି ନିର୍ବାଚନ : ଚର୍ଚ୍ଚାରେ ଗାଙ୍ଗୁଲି ଓ ହରଭଜନଙ୍କ ନାମ

ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)ର ପରବର୍ତ୍ତୀ ସଭାପତି ନିର୍ବାଚନକୁ ନେଇ ଦିଲ୍ଲୀରେ ମନ୍ଥନ ଆରମ୍ଭ ହୋଇଯାଇଛି। ବିସିସିଆଇର ନୂଆ ସଭାପତି ନିର୍ବାଚନ ସେପ୍ଟେମ୍ବର ୨୮ ତାରିଖରେ ମୁମ୍ବାଇରେ ଆୟୋଜିତ ହେବାକୁ ଥିବା ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ଅବସରରେ ହେବ। ପରବର୍ତ୍ତୀ ବିସିସିଆଇ ସଭାପତି ପଦ ପାଇଁ ପୂର୍ବତନ ଟିମ୍ ଇଣ୍ଡିଆ କ୍ୟାପ୍‌ଟେନ୍ ସୌରଭ ଗାଙ୍ଗୁଲି ଏବଂ ପୂର୍ବତନ ଭାରତୀୟ ଖେଳାଳି ହରଭଜନ ସିଂହଙ୍କ ନାମ ଚର୍ଚ୍ଚାରେ ରହିଛି। ତେବେ ଏହି ମିଟିଂରେ ଗାଙ୍ଗୁଲିଙ୍କୁ ଆମନ୍ତ୍ରିତ କରାଯିବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଏହି ଦୁଇ ନାମ ବ୍ୟତୀତ କର୍ଣ୍ଣାଟକର ପୂର୍ବତନ ଭାରତୀୟ ଟେଷ୍ଟ୍ କ୍ରିକେଟର୍ ରଘୁରାମ ଭଟ୍ଟ ଏବଂ ପୂର୍ବତନ ଭାରତୀୟ ୱିକେଟ୍‌କିପର୍ କିରଣ ମୋରେଙ୍କ ନାମ ଚର୍ଚ୍ଚାରେ ରହିଛି। ତେବେ ଶନିବାର ରାତିରେ ଦିଲ୍ଲୀରେ ହେବାକୁ ଥିବା ମିଟିଂରେ କାହା ନାମ ଉପରେ ମୋହର ବାଜିବ ତାହା ସ୍ପଷ୍ଟ ହେବାର ସମ୍ଭାବନା ରହିଛି। ଗତ ମାସରେ ୭୦ ବର୍ଷୀୟ ରୋଜର ବିନ୍ନି ବୋର୍ଡ ସଭାପତି ପଦ ଛାଡ଼ିବା ପରେ ଉପସଭାପତି ରାଜୀବ ଶୁକ୍ଲାଙ୍କୁ କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରାଯାଇଥିଲା। ଲୋଢ଼ା କମିଟି ଅନୁସାରେ ୭୦ ବର୍ଷ ବୟସରେ ପଦାର୍ପଣ କରିବା ପରେ କୌଣସି ବ୍ୟକ୍ତି ବିସିସିଆଇ ସଭାପତି ପଦରେ ରହିପାରିବେ ନାହିଁ। ଏହି କାରଣରରୁ ବିନ୍ନିଙ୍କୁ ପଦ ଛାଡ଼ିବାକୁ ପଡ଼ିଥିଲା।

ବିସିସିଆଇର ୯୪ତମ ଏଜିଏମ୍ ଆସନ୍ତା ୨୮ ତାରିଖରେ ମୁମ୍ବାଇରେ ଆୟୋଜିତ ହେବ। ବୈଠକରେ ଆଇପିଏଲ୍ ଏବଂ ଡବ୍ଲୁପିଏଲ୍ ଗଭର୍ଣ୍ଣିଂ କାଉନ୍‌ସିଲ୍‌ର ନିର୍ବାଚନ ମଧ୍ୟ ଅନୁଷ୍ଠିତ ହେବ। ସେହିଦିନ ଦୁବାଇରେ ଏସିଆ କପ୍‌ର ଫାଇନାଲ୍ ମ୍ୟାଚ୍ ଖେଳାଯିବାର ଅଛି।

# ଟି-୨୦ରେ ଭାରତର ଦବ୍‌ଦବା: ୩ ବର୍ଗରେ ଭାରତ ନମ୍ବର-୧

ନୂଆଦିଲ୍ଲୀ: ଟି-୨୦ କ୍ରିକେଟ ଉପରେ ଭାରତର କବ୍ଜା ଆହୁରି ମଜଭୁତ ହୋଇଛି। ନିକଟରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟି-୨୦ ଅନ୍ତର୍ଜାତୀୟ ରାଙ୍କିଙ୍ଗରେ ଭାରତ ଇତିହାସ ସୃଷ୍ଟି କରିଛି। ଟିମ ଇଣ୍ଡିଆ କେବଳ ଟି-୨୦ରେ ନମ୍ବର-୧ ଦଳ ନୁହେଁ, ବରଂ ଭାରତୀୟ ଖେଳାଳିମାନେ



ତିନୋଟି ବ୍ୟକ୍ତିଗତ ବର୍ଗରେ ମଧ୍ୟ ଶୀର୍ଷରେ ଅଛନ୍ତି: ବ୍ୟାଟିଂ, ବୋଲିଂ ଏବଂ ଅଲରାଉଣ୍ଡର। ଏହା ବ୍ୟତୀତ, ଭାରତ ବର୍ତ୍ତମାନର ଟି-୨୦ ବିଶ୍ୱକପ ଚାମ୍ପିଅନ ମଧ୍ୟ। ଭାରତୀୟ ଲେଗ-ସ୍ପିନର ବରୁଣ ଚକ୍ରବର୍ତ୍ତୀ ତାଙ୍କ ପ୍ରଭାବଶାଳୀ ପ୍ରଦର୍ଶନ ପାଇଁ ଆଇସିସି ଟି-୨୦ ବୋଲର ରାଙ୍କିଙ୍ଗରେ ନମ୍ବର-୧ ସ୍ଥାନ ହାସଲ କରିଛନ୍ତି। ସେ ଏହି ସ୍ଥାନ ହାସଲ କରିବାକୁ ନ୍ୟୁଜିଲାଣ୍ଡର ଜାକବ ଡଫି ଏବଂ ୱେଷ୍ଟଇଣ୍ଡିଜର ଆକିଲ ହୋସେନଙ୍କୁ ପଛରେ ପକାଇ ଦେଇଛନ୍ତି। ବରୁଣ ଏସିଆ କପ ୨୦୨୫ରେ ପାକିସ୍ତାନ ବିପକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ଉଇକେଟ ନେଇଥିଲେ। ଏହା ଟିମ ଇଣ୍ଡିଆକୁ ତିନି ଉଇକେଟ ବିଜୟ ହାସଲ କରିବାରେ ସାହାଯ୍ୟ କରିଥିଲା। ଭାରତର ଯୁବ ଷ୍ଟାର ଅଭିଷେକ ଶର୍ମା। ଅନ୍ତର୍ଜାତୀୟ ଟି-୨୦ ବ୍ୟାଟିଂ ରାଙ୍କିଙ୍ଗରେ ଅନ୍ୟ ସମସ୍ତଙ୍କୁ ପଛରେ ପକାଇ ଦେଇଛନ୍ତି। ସେ ୟୁଏଇ ଏବଂ ପାକିସ୍ତାନ ବିପକ୍ଷରେ ବିସ୍ଫୋରକ ଇନିଂସ ଖେଳି ତାଙ୍କ କ୍ୟାରିଅରର ସର୍ବୋଚ୍ଚ ରେଟିଂ ପଏଣ୍ଟ ହାସଲ କରିଛନ୍ତି। ଭାରତର ହାର୍ଦ୍ଦିକ ପାଣ୍ଡ୍ୟା ଅଲରାଉଣ୍ଡର ତାଲିକାର ଶୀର୍ଷରେ ରହିଛନ୍ତି। ବ୍ୟାଟିଂ ଏବଂ ବୋଲିଂ ଉଭୟରେ ତାଙ୍କର ସ୍ଥିରତା ତାଙ୍କୁ ଏହି ସ୍ଥାନ ଦେଇଛି। ହାର୍ଦ୍ଦିକ ଟିମ ଇଣ୍ଡିଆ ପାଇଁ ଜଣେ ଗୁରୁତ୍ୱପୂର୍ଣ୍ଣ ସନ୍ତୁଳକ, ପାୱାର ହିଟିଂ ଏବଂ ଡେଥ ଓଭର ବୋଲିଂ ଉଭୟରେ ଦଳକୁ ମଜଭୁତ କରୁଛନ୍ତି। ଭାରତ ବର୍ତ୍ତମାନର ଟି-୨୦ ବିଶ୍ୱକପ ଚାମ୍ପିଅନ ଏବଂ ଗୋଟିଏ ବର୍ଷ ପରେ ମଧ୍ୟ ଫର୍ମାଟରେ ପ୍ରାଧାନ୍ୟ ବିସ୍ତାର କରି ଚାଲିଛି। ଭାରତ ଦଳ ରାଙ୍କିଙ୍ଗରେ ଶୀର୍ଷ ସ୍ଥାନ ଅଧିକାର କରିଛ।

## ଫିଫା ର୍‍ୟାଙ୍କିଙ୍ଗ୍: ଶୀର୍ଷକୁ ଫେରିଲା ସ୍ପେନ୍

ନୂଆଦିଲ୍ଲୀ,: ତାଜିକିସ୍ତାନରେ କାଫା ନେସନ୍ସ କପ୍‌ରେ ପ୍ରଦର୍ଶନ ସତ୍ତ୍ୱେ ଭାରତୀୟ ପୁରୁଷ ଫୁଟ୍‌ବଲ୍ ଟିମ୍ ଗୁରୁବାର ଜାରୀ ଫିଫା ର୍‍ୟାଙ୍କିଙ୍ଗ୍‌ରେ ଗୋଟିଏ ସ୍ଥାନ ତଳକୁ ଖସି ୧୩୪ ନମ୍ବରରେ ପହଞ୍ଚିଛି। ଚଳିତ ମାସ ଆରମ୍ଭରେ ନେସନ୍ସ କପ୍ ପ୍ଲେ-ଅଫ୍‌ରେ ଓମାନ୍‌କୁ ହରାଇ ଖଲିଦ୍ ଜମାଲ୍‌ଙ୍କ ବ୍ଲୁ ଟାଇଗର୍ସ ଆଠରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟ୍‌ର ତୃତୀୟ ସ୍ଥାନ ଅଧିକାର କରିଥିଲା। ଅନ୍ୟପକ୍ଷରେ ଗତ କିଛିମାସ ଧରି ପ୍ରଭାବଶାଳୀ ପ୍ରଦର୍ଶନ ଜାରି ରଖିଥିବା ୟୁରୋପୀୟ ଚାମ୍ପିଅନ୍ ସ୍ପେନ୍ ୧୧ ବର୍ଷ ପରେ ଶୀର୍ଷ ସ୍ଥାନକୁ ଫେରିଛି। ସ୍ପେନ୍ ଦ୍ୱାରା ବିତାଡ଼ିତ ଆର୍ଜେଣ୍ଟିନା ଫ୍ରାନ୍ସ ପଛରେ ତୃତୀୟ ସ୍ଥାନକୁ ଖସିଆସିଛି।

## ଭାରତର ପ୍ରଥମ ସ୍ପିଡ୍ ସ୍କେଟିଙ୍ଗ ବିଶ୍ୱ ଚାମ୍ପିଅନ ହେଲେ ଆନନ୍ଦକୁମାର

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆନନ୍ଦକୁମାର ଭେଲକୁମାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଆନନ୍ଦକୁମାର 'ସ୍ପିଡ ସ୍କେଟିଙ୍ଗ ବିଶ୍ୱ ଚାମ୍ପିଅନସିପ ୨୦୨୫'ର ସିନିଅର ପୁରୁଷ ୧୦୦୦ ମିଟର ସ୍ପ୍ରିଣ୍ଟ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଶ୍ରୀ ମୋଦୀ କହିଛନ୍ତି, 'ତାଙ୍କର ଧୈର୍ଯ୍ୟ, ଗତି ଏବଂ ଉତ୍ସାହ ତାଙ୍କୁ ଭାରତର ପ୍ରଥମ ବିଶ୍ୱ ସ୍କେଟିଙ୍ଗ ଚାମ୍ପିଅନ କରିଛି। ତାଙ୍କର ଏହି ସଫଳତା ଅଗଣିତ ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଇବ।" ଏକ୍ସରେ ପ୍ରଧାନମନ୍ତ୍ରୀ କହିଛନ୍ତି; "ସ୍ପିଡ ସ୍କେଟିଙ୍ଗ ବିଶ୍ୱ ଚାମ୍ପିଅନସିପ ୨୦୨୫ର ସିନିଅର ପୁରୁଷ ୧୦୦୦ ମିଟର ସ୍ପ୍ରିଣ୍ଟ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବାରୁ ଆନନ୍ଦକୁମାର ଭେଲକୁମାରଙ୍କ ପାଇଁ ଗର୍ବିତ। ତାଙ୍କର ଧୈର୍ଯ୍ୟ, ଗତି ଏବଂ ଉତ୍ସାହ ତାଙ୍କୁ ଭାରତର ପ୍ରଥମ ବିଶ୍ୱ ସ୍କେଟିଙ୍ଗ ଚାମ୍ପିଅନ କରିଛି। ତାଙ୍କର ଏହି ସଫଳତା ଅଗଣିତ ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଇବ । ତାଙ୍କୁ ବହୁତ ଅଭିନନ୍ଦନ ଏବଂ ଭବିଷ୍ୟତର ସଫଳତା ପାଇଁ ଶୁଭକାମନା।"

ଆପଣଙ୍କର ଅଞ୍ଚଳର ଖବର କିମ୍ବା ନିଜର ଆଲେଖ୍ୟ ନିମ୍ନଲିଖିତ ଇ-ମେଲ୍‌ରେ ପଠାଇପାରିବେ।
ଯୋଗାଯୋଗ - ରଣଜିତ୍ ପଟ୍ଟନାୟକ
ମୁଖ୍ୟ ପ୍ରତିନିଧି
Email: mediatejaswini@gmail.com

TARIFF
Full Page B/W-10000
Half Page B/W-5000
Quarter Page B/W- 2500

Printed, Published & Owned by **Prof.Jatindra Nath Das** Bhubaneswar -751002, Dist.- Khordha, Orissa, Published at Plot No.: A/8, Bijaya Vihar, Nuagao P.o Sisupalgarh, Bhubaneswar-751002 Ph : 9937307725, Email: mediatejaswini@gmail.com
**Printed at :** Chandan Printers, Plot No.-3, Gopabandhu Chhak, Unit-8, Bhubaneswar, Odisha
**Editor : Sanja Sameer Mohapatra, ସମ୍ପାଦକ : ସଞ୍ଜ ସମୀର ମହାପାତ୍ର**